ସକାଳ THE SAKALA



www.sakalaepaper.com

# ଶିକ୍ଷକ ଚାଖୁ ନାହାନ୍ତି ମଧ୍ୟାହ୍ନ ଭୋଜନ




- ଛାତ୍ରଛାତ୍ରୀଙ୍କୁ ପରଷା ଯିବା ପୂର୍ବରୁ ଜଣେ ଶିକ୍ଷକ ଖାଦ୍ୟ ଚାଖିବା କଥା
- ପିଲା ଖାଇବା ପରେ ଶିକ୍ଷକ, ଶିକ୍ଷୟିତ୍ରୀ ଖାଉଛନ୍ତି
- ଯେଉଁ ଶିକ୍ଷକ ଚାଖିଲେ ସ୍ୱାକ୍ଷର ରହିବା ବାଧ୍ୟତାମୂଳକ
- ପ୍ରତିଦିନର ଖାଦ୍ୟ ନମୁନା ସଂରକ୍ଷିତ ରଖିବାକୁ କଡ଼ା ନିୟମ ରହିଛି

ମୁରିବାହାଲ, ୩।୪(ସମିସ)

ରାଜ୍ୟ ସରକାର କୋମଳମତି ଶିଶୁଙ୍କ ପାଇଁ ପୁଷ୍ଟିକର ମଧ୍ୟାହ୍ନ ଭୋଜନ ଯୋଜନା ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକରେ ଏହାର ବାସ୍ତବ ଚିତ୍ର ଅତ୍ୟନ୍ତ ସଂଗୀନ। ବିଭାଗୀୟ ଅଧିକାରୀଙ୍କ ଯାଞ୍ଚ ଅଭାବ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଏହି ଯୋଜନା ଏବେ ବାଟବଣା ହେବାକୁ ବସିଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ପରଷା ଯିବା ପୂର୍ବରୁ ସମ୍ପୃକ୍ତ ସ୍କୁଲର ଜଣେ ଶିକ୍ଷକ ସେହି ଖାଦ୍ୟକୁ ଚାଖିବେ। ଯେଉଁ ଶିକ୍ଷକ ଚାଖିଲେ ତାଙ୍କର ସ୍ୱାକ୍ଷର ଟେଷ୍ଟିଙ୍ଗ ରେଜିଷ୍ଟରରେ ରହିବା ବାଧ୍ୟତାମୂଳକ। ଏଥିସହିତ କୌଣସି ଅଘଟଣ ଘଟିଲେ ତଦନ୍ତ ପାଇଁ ପ୍ରତିଦିନର ଖାଦ୍ୟ ନମୁନା ସଂରକ୍ଷିତ ରଖିବାକୁ କଡ଼ା ନିୟମ ରହିଛି; ମାତ୍ର ମୁରିବାହାଲ ବ୍ଲକର ଗୁରୁଣ୍ଡା ସ୍କୁଲ ସମେତ ଅଧିକାଂଶ ସ୍କୁଲରେ ଏହି ସୁରକ୍ଷା ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଛି। ମୁରିବାହାଲ ବ୍ଲକର ଗୁରୁଣ୍ଡା ସ୍କୁଲରେ ମଧ୍ୟାହ୍ନ ଭୋଜନ ପରିଚାଳନାରେ ବ୍ୟାପକ ଅନିୟମିତତା ନେଇ ଅଭିଭାବକମାନେ ଗୁରୁତର ଅଭିଯୋଗ କରିଛନ୍ତି। ସବୁଠାରୁ ସାଂଘାତିକ କଥା ହେଉଛି ପିଲାମାନେ ଖାଇ ସାରିବା ପରେ ଶିକ୍ଷକ ଶିକ୍ଷୟିତ୍ରୀ ଖାଦ୍ୟ ଖାଉଛନ୍ତି; ଯାହା ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ଧରଣର ବିପଦ।

ଏ ସମ୍ପର୍କରେ ଗୁରୁଣ୍ଡା ସ୍କୁଲର ପ୍ରଧାନଶିକ୍ଷକ ଭୁମନ୍ୟୁ ବାଗଙ୍କୁ ପଚାରିବାରୁ ସେ ନିଜର ଦୋଷ ସ୍ୱୀକାର କରିଛନ୍ତି। କୌଣସି ସହକାରୀ ଶିକ୍ଷକଙ୍କୁ ସେ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ଦେଇନାହାନ୍ତି ବୋଲି ପ୍ରଧାନଶିକ୍ଷକଙ୍କ ଏଭଳି ଦାୟିତ୍ୱହୀନ ପ୍ରତିକ୍ରିୟା ବ୍ୟବସ୍ଥାର ନଗ୍ନ ରୂପକୁ ପଦାରେ ପକାଇଛି। ଯଦି ବିନା ଚାଖିକି ପିଲାଙ୍କୁ ଖାଦ୍ୟ ଦିଆଯାଉଛି ତାହାହେଲେ ପିଲାଙ୍କ ଖାଦ୍ୟ ଓ ସ୍ୱାସ୍ଥ୍ୟ ସହ ସିଧା ଖେଳ ଖେଳୁଛନ୍ତି। ଏହା କେବଳ ଅବହେଳା ନୁହେଁ ବରଂ ଅପରାଧ ବୋଲି ଧରାଯିବ। ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ କ୍ଲଷ୍ଟର ସିଆରସିସି ସଞ୍ଜୟ ନାଏକଙ୍କୁ ପଚାରିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଭଳି ଅବ୍ୟବସ୍ଥା ଆଦୌ ହେବା ଉଚିତ ନୁହେଁ ବୋଲି କହିଛନ୍ତି। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ ଜିଲ୍ଲା କିମ୍ବା ବ୍ଲକସ୍ତରୀୟ ଅଧିକାରୀମାନେ ନିୟମିତ ସ୍କୁଲ ପରିଦର୍ଶନ କରୁ ନ ଥିବାରୁ ଶିକ୍ଷକମାନେ ମନମୁଖୀ କାର୍ଯ୍ୟ କରୁଛନ୍ତି। ନିମ୍ନମାନର ଖାଦ୍ୟ ପରଷା ଯାଉଥିଲେ ମଧ କେହି କହିବାକୁ ନାହାନ୍ତି। ଯଦି ଅଧିକାରୀମାନେ ଅଚାନକ ପରିଦର୍ଶନ କରି ନିଜେ ସେହି ଖାଦ୍ୟକୁ ଚାଖନ୍ତେ ତେବେ ବ୍ୟବସ୍ଥାରେ ସୁଧାର ଆସନ୍ତା ବୋଲି ଜଣେ ଅଭିଭାବକ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପିଲାଙ୍କ ଜୀବନ ସହ ଖେଳୁଥିବା ଏହି ବ୍ୟବସ୍ଥାରେ ତୁରନ୍ତ ସଂସ୍କାର ଆଣିବା ସହ ଦାୟିତ୍ୱହୀନ ଅଧିକାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ମାଡ଼ମାରି ସ୍କୁଟି ଛଡ଼ାଇନେଲେ ଦୁର୍ବୃତ୍ତ





ବଲାଙ୍ଗିର, ୩।୪(ସମିସ): ବଲାଙ୍ଗିର ଟାଉନ ଥାନାରୁ ମାତ୍ର କିଛି ଦୂରରେ ଦୁଇ ଜଣ ଯୁବକଙ୍କୁ ଅଟକାଇ ସ୍କୁଟି ଛଡ଼ାଇ ନେବା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଆକ୍ରମଣ ଓ ଲୁଟ୍ କରିଥିବା ଯୁବକଙ୍କୁ ପୁଲିସ ଠାବ କରିପାରିନି। ଲକ୍ଷ୍ମୀଜୋର ଥାନା ପୁଲିସ ମାମଲାର ତଦନ୍ତ ଚଳାଇଛି।

ଶୁକ୍ରବାର ମଧ୍ୟାହ୍ନରେ ବରପାଲିପଡ଼ାର ଅହମ୍ମଦ ଅଲ୍ଲୀ ତାଙ୍କ ସ୍କୁଟି (ଓଡି ୦୩ ୱାଇ ୮୯୩୩) ରେ ନିଜର ଜଣେ ବନ୍ଧୁ ଆସିପ ଖାଁଙ୍କ ସହ ଏଲଆଇସି ଅଫିସରୁ କଂସାରିପଡ଼ା ମସଜିଦକୁ ଯାଉଥିଲେ। ସେମାନେ ଠିକାଦାରପଡ଼ା ପହଞ୍ଚିବା ପରେ ବ୍ରିଜ ନିକଟରେ ଦୁଇ ଜଣ ଯୁବକ ଏକ ସ୍କୁଟିରେ ଆସି ତାଙ୍କୁ ଅଟକାଇଥିଲେ। ପରେ ଉଭୟ ଯୁବକ ତାଙ୍କୁ ଆକ୍ରମଣ କରିବା ଆରମ୍ଭ କରିଥିବା ବେଳେ ପଥର ମଧ ମାରିଥିଲେ। ଏହା ପରେ ସେମାନେ ଧରିଥିବା ସ୍କୁଟିକୁ ନେଇ ଫେରାର ହୋଇଯାଇଥିଲେ। ତେବେ ଆକ୍ରମଣ କରିଥିବା ଯୁବକଙ୍କୁ ସେମାନେ ଜାଣି ନ ଥିବା ବେଳେ ଏନେଇ ଉଭୟ ଲକ୍ଷ୍ମୀଜୋର୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଆକ୍ରମଣ କରିଥିବା ଯୁବକଙ୍କୁ ଧରିବା ପାଇଁ ତଦନ୍ତ ଆରମ୍ଭ କରିଥିବା ବେଳେ ଏହି ଘଟଣା ପଛରେ ଅନ୍ୟ କିଛି କାରଣ ରହିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

● ଚଟୁଆନକା ପଞ୍ଚାୟତ

## ହିତାଧିକାରୀଙ୍କ ୨ ମାସର ଚାଉଳ ହଡ଼ପ

କଣ୍ଟାବାଞ୍ଜି, ୩।୪(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଚଟୁଆନକା ପଞ୍ଚାୟତ ହିତାଧିକାରୀଙ୍କୁ ଏପ୍ରିଲ ମାସରେ ଚାଉଳ ବଣ୍ଟନ ସମୟରେ ଏକ ସାଙ୍ଘାତିକ ଅଭିଯୋଗ ଆସିଛି। ଗରିବ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମୁଣ୍ଡ ପିଛା ୫ କେଜି ଚାଉଳ ବଣ୍ଟନ କରାଯାଉଛି। ହିତାଧିକାରୀଙ୍କ ସେହି ଚାଉଳକୁ କିନ୍ତୁ ହଡ଼ପ କରିବାକୁ ଉଦ୍ୟମ କରାଯାଇଛି। ବେହେରେନସିଲେ ଗାଁର ହିତାଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ବଣ୍ଟନ କରାଯାଉଥିବା ବେଳେ ଏହାର ପ୍ରମାଣ ମିଳିଛି। ଏପ୍ରିଲ ମାସ ଚାଉଳ ଦେଇ ହିତାଧିକାରୀଙ୍କ ପଡ଼ିପତ୍ରରେ ୩ ମାସ ଚାଉଳ ଦିଆ ଯାଇଥିବା ଦର୍ଶାଯାଇଛି। ମେ ଏବଂ ଜୁନ୍ ମାସ ଚାଉଳ ନ ଦେଇ ହିତାଧିକାରୀଙ୍କ ପଡ଼ିପତ୍ରରେ ଦିଆଯାଗଲା ବୋଲି ଦାୟିତ୍ୱରେ ଥିବା କର୍ମଚାରୀ ଦର୍ଶାଇଛନ୍ତି। ଏହା ଜାଣିବା ପରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ପୂର୍ବରୁ ମଧ ଜଣେ ଯୋଗାଣ ସହାୟକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଚାଉଳ ହଡ଼ପ କରି ପ୍ରଶାସନ ଅଡିଟ୍ ସମୟରେ ବିବାଦରେ ଛନ୍ଦି ହୋଇ ସାରିଛନ୍ତି। ଏ ନେଇ ତୁରେକେଲା ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ଯେତେ ମାସର ଚାଉଳ ଦିଆଯାଇଛି ତାହା ପଡ଼ିପତ୍ରରେ ଦର୍ଶାଯିବ। ଯଦି ନ ଦେଇ ଦର୍ଶାଯାଇଛି ତେବେ ପ୍ରଦାନ କରାଯିବ ବୋଲି କହିଛନ୍ତି।

**ପଡ଼ିପତ୍ରରେ ୩ ମାସ ଦର୍ଶାଇ ଗୋଟିଏ ମାସର ବଣ୍ଟନ ହୋଇଛି**

● ମୁଣ୍ଡପଦର ପଞ୍ଚାୟତ ମନରେଗା ଦିଗହରା

## ଗାଁ ସାଥି ଖାଇଗଲେ ଶ୍ରମିକଙ୍କ ଟଙ୍କା



କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୩।୪(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ବଙ୍ଗୋମୁଣ୍ଡା ବ୍ଲକ ମୁଣ୍ଡପଦର ପଞ୍ଚାୟତ କନ୍ଧବାହାଲ ଗାଁ ସାଥି ଭକ୍ତ ରାମ ସାହୁଙ୍କ ନାଁରେ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। କନ୍ଧବାହାଲ ଗାଁର ମାଲମୁଣ୍ଡାରେ ଶ୍ରମିକମାନେ ୨ ମାସ ହେଲା ମାଟି କାମ କରିଥିଲେ। ପ୍ରକୃତ କାମ କରିଥିବା ଶ୍ରମିକଙ୍କ ନାଁରେ ମନରେଗା ଟଙ୍କା ଜମା ହୋଇନି। ଗାଁ ସାଥି ନିଜ ସମ୍ପର୍କୀୟମାନଙ୍କ ନାଁରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। କନ୍ଧବାହାଲ ଗାଁର ମାଲମୁଣ୍ଡା, ଭୁଲିଆମୁଣ୍ଡା ଓ ଶିଆଳମୁଣ୍ଡା ମାଟି କାମରେ ମଧ ସମାନ ଦୁର୍ନୀତି ହୋଇଛି। ଗାଁ ସାଥି ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ଗ୍ରାମବାସୀ କହୁଛନ୍ତି। ତେବେ ଶମ୍ରିକମାନେ କାମ କରି ମାସ ମାସ ଧରି ଟଙ୍କା ପାଇବା ଆଶାରେ ରହିଛନ୍ତି; ହେଲେ ଶ୍ରମିକଙ୍କ ଟଙ୍କାକୁ ସମ୍ପର୍କୀୟ ନାଁରେ ଗାଁ ସାଥି ଗିଳି ଦେଇଛନ୍ତି। ଗ୍ରାମବାସୀ ଏନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି; ହେଲେ ଏବେ ପର୍ଯ୍ୟନ୍ତ ଗାଁ ସାଥିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇନାହିଁ।

ଖାଦ୍ୟ ସୁରକ୍ଷା ଯୋଜନା ବାଟବଣା

## ୫ କେଜି ଚାଉଳରେ ୪ ଜଣ ଚଳୁଛନ୍ତି

- ବାରମ୍ବାର ଆବେଦନ ସତ୍ତ୍ୱେ ୩ ପିଲାଙ୍କୁ ମିଳୁନି
- ପଞ୍ଚାୟତଠୁ ବ୍ଲକ୍ ପର୍ଯ୍ୟନ୍ତ କେହି ଶୁଣୁ ନାହାନ୍ତି



କଣ୍ଟାବାଞ୍ଜି, ୩।୪(ସମିସ): ସରକାର ଯୋଜନା ଉପରେ ଯୋଜନା କରୁଛନ୍ତି। ବାସ୍ତବରେ ଗରିବ ହିତାଧିକାରୀ କିନ୍ତୁ ସୁଫଳ ପାଉନି। ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଚଟୁଆନକା ପଞ୍ଚାୟତ ବେହେରେନସିଲେଟ ଗାଁରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ଏହି ଗାଁର ମାଲପଡ଼ାରେ ରହୁଥିବା ଚଞ୍ଚଳା ମାଝି (୩୬) ଏହିଭଳି ଶିକାର ହୋଇଛନ୍ତି। କିଛି ବର୍ଷ ତାଙ୍କ ସ୍ୱାମୀ ଲିଙ୍ଗରାଜ ମାଝୀଙ୍କ ପରଲୋକ ଘଟିଛି। ସ୍ୱାମୀ ଯିବା ପରେ ଗୋଟିଏ ପୁଅ ଓ ୨ ଝିଅକୁ ନେଇ ସେ ଚଳୁଛନ୍ତି। ମୂଲ ଲାଗି ପିଲାଙ୍କ ପେଟରେ ମୁଠେ ଦାନା ଦେଇ ପାଠ ପଢ଼ାଇ ମଣିଷ କରିବାକୁ ସ୍ୱପ୍ନ ଦେଖିଛନ୍ତି। ଯାହା ରୋଜଗାର କରୁଛନ୍ତି ସେଥିରୁ ହିଁ ସେମାନେ ଚଳୁଛନ୍ତି। ତେବେ ସରକାରୀ ଯୋଜନା ତାଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଖାଦ୍ୟ ସୁରକ୍ଷା ଯୋଜନାରେ ତାଙ୍କୁ ମାସିକ ୫ କେଜି ଚାଉଳ ମିଳୁଛି। ୩ ପିଲା କିନ୍ତୁ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ବାରମ୍ବାର ସେ ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଅଭିଯୋଗ କରୁଛନ୍ତି। କେହି କିନ୍ତୁ ତାଙ୍କ ଅଭିଯୋଗ ପ୍ରତି ଦୃଷ୍ଟି ଦେଉ ନାହାନ୍ତି ବୋଲି ସେ କହିଛନ୍ତି। ୫ କେଜି ଚାଉଳରେ ୪ ଜଣ କେମିତି ଚଳିବେ। ତାଙ୍କ କଥା କେହି ଶୁଣାନ୍ତି ବୋଲି ସେ କୋହଭରା କଣ୍ଠରେ କହିଛନ୍ତି।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




କଣ୍ଟାବାଞ୍ଜି, ୩।୪(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ତୁରେକେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପଟେଲ, ବେଲପଡ଼ା ପି.ଏସ୍ ଡିଗ୍ରୀ କଲେଜର ଇତିହାସ ଅଧ୍ୟାପକ ସୁଦାମ ମହାପାତ୍ର, କଣ୍ଟାବାଞ୍ଜି କ୍ଲଷ୍ଟର ସିଆରସିସି ଦିନେଶ ମହନନ୍ଦ, ବୁରୋମଲ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁଦତ୍ତ ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଶ୍ମିତା ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଶୋକ ତରିଆ ସଭାପତିତ୍ୱ କରିଥିଲେ। ରାଧେଶ୍ୟାମ କୁମ୍ଭାର ଓ ସୁଧୀର ସଗ୍ରିଆ ମଞ୍ଚ ପରିଚାଳନା କରିଥିଲେ। କମଳ ଜିତ୍ ବାଇକ, ବିଦୁର ସିକା, ଭାବଗ୍ରାହୀ ମେହେର, ମନୋଜ ମଲ୍ଲିକ, ନିମାଇ ଚରଣ ପ୍ରଧାନ, ପ୍ରହଲ୍ଲାଦ ଧରୁଆ, ମଧୁସୂଦନ ପଟେଲ, ମିସ୍ ହେମିନ ଧାରୁଆ, ରାଜଶ୍ରୀ ପୂଜାରୀ, ପ୍ରତିଭା ନାୟକ, ନମିତା ପାଣିଗ୍ରାହୀ ଏବଂ ସଙ୍ଗୀତା ସେଠ୍ ପ୍ରମୁଖ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କ ପାଇଁ ଫିଜିଓଥେରାପି ସେମିନାର

ବଲାଙ୍ଗିର, ୩।୪(ସମିସ): ସ୍ଥାନୀୟ ସିଆରସିଠାରେ ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନଙ୍କ ସକାଶେ ଫିଜିଓଥେରାପି ତଥା ଅନ୍ୟାନ୍ୟ ଚିକିତ୍ସା ବାବଦରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ଗୁରୁବକ୍ସ ଚାନ୍ଦ ଜଗୋଟା, ସଭାପତି ପ୍ରଭାକର ମିଶ୍ର, ସାଧାରଣ ସମ୍ପାଦକ କପିଳେଶ୍ୱର ଖମାରୀ, ପୁର୍ନବାସ ଅଧିକାରୀ ସୌମ୍ୟଶେଖର ପାଣିଗ୍ରାହୀ, ବିଶ୍ୱଜିତ କାନୁନଗୋ, ଶତାବ୍ଦି ଜେନା ସାମନ୍ତ, ରଞ୍ଜିତା ପଣ୍ଡା, ଅମୃତା ପ୍ରିତମ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଅଶୋକ ଚାନ୍ଦ, ସଂଗଠନ ସମ୍ପାଦକ ବିନୟ ମିଶ୍ର, ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ପଟେଲ ନେତୃତ୍ୱ ନେଇଥିଲେ, ଉପ-ସଭାପତି ଇଂ. ହରେକୃଷ୍ଣ ମେହେର, ଉପଦେଷ୍ଟା ଅଶୋକ ମିଶ୍ର, ଆର୍ତ୍ତତ୍ରାଣ ମିଶ୍ର, ଜୟଚନ୍ଦ୍ର ସାହୁ, ପ୍ରମୋଦ ଗୁରୁ, ଦୁର୍ଗା ପ୍ରସାଦ ହୋତା, ନାରାୟଣ ପାଢ଼ୀ, ଧନଞ୍ଜୟ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମେହେର, ସୁନିଲ ବିଶ୍ୱାଲ, ବିପିନ ବିହାରି ପୁରୋହିତ, ଦୟାସାଗର ପଟେଲ, ସୁରେନ୍ଦ୍ର ନେଗୀ, ଛାୟାକାନ୍ତ ସାହୁ, ମଥାମଣି ପଣ୍ଡା, ଗଣେଶ ଚନ୍ଦ୍ର ପାଢ଼ୀ, ବ୍ରଜକିଶୋର ପଣ୍ଡା, କୃଷ୍ଣଚନ୍ଦ୍ର ନାଥ ଓ ବିଜୟ ବାଗ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ କପିଳେଶ୍ୱର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଲୁହାସିଂହା ପଞ୍ଚାୟତକୁ ଆଇଏସଓ ପ୍ରମାଣପତ୍ର

ଖପ୍ରାଖୋଲ, ୩।୪ (ସମିସ): ଖପ୍ରାଖୋଲ ବ୍ଲକର ଲୁହାସିଂହା ପଞ୍ଚାୟତକୁ ଆଇଏସ୍ଓ ପ୍ରମାଣ ପତ୍ର ମିଳିଛି। ଲୋକଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବା ପାଇଁ ଲୁହାସିଂହା ପଞ୍ଚାୟତକୁ ଏହି ଆଇଏସଓ ପ୍ରମାଣପତ୍ର ମିଳିଛି। ୨୦୨୬ରୁ ୨୦୨୯ ଯାଏଁ ଏହି ପ୍ରମାଣ ପତ୍ର ମିଳିଛି। ଏହାକୁ ନେଇ ଖପ୍ରାଖୋଲ ବ୍ଲକ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ କୃତଜ୍ଞତା ଜଣାଇଛନ୍ତି।

● ଗାଁ ଗାଁରେ ନିଷ୍ଠା ଓ କାଷ୍ଠାର ପାରମ୍ପରିକ ଯାତ୍ରା

## ଦଣ୍ଡୁଆଙ୍କ ମଣି ଡାକରେ ଉଛୁଳୁଛି ଗାଁ ଦାଣ୍ଡ

ହରଭଙ୍ଗା, ୩।୪(ସମିସ): ଓଡ଼ିଆଙ୍କ ୧୨ ମାସରେ ୧୩ ପର୍ବ। ସେହି ୧୩ ପର୍ବ ଭିତରୁ ଦଣ୍ଡଯାତ୍ରା ଅନ୍ୟତମ। ଚୈତ୍ର ମାସରେ ଶିବ ଓ ଶକ୍ତିଙ୍କ ଗାଁ ଗାଁ ଭ୍ରମଣ କରାଯାଇଥାଏ। ଏହାସହ ଦଣ୍ଡ ନୃତ୍ୟରେ ଗାଁ ଦାଣ୍ଡ ଭକ୍ତିମୟ ପରିବେଶରେ ଉଛୁଳି ପଡୁଛି। ଶିବ, ପାର୍ବତୀଙ୍କୁ ସାଙ୍ଗ ନେଇ ମାନସିକଧାରୀ ଭକ୍ତ ଛତି, ଛତ୍ର, ବାନା, ଚାଉଁର, ଘଣ୍ଟ, ମହୁରୀ, ଢୋଲ ବାଦ୍ୟ ଦ୍ୱାରା ଗାଁ ଗାଁ ବୁଲାଇଥାନ୍ତି। ଶିବ କାଳୀଙ୍କୁ ମଣି ଡାକରେ ପରିବେଶ ପ୍ରକମ୍ପିତ ହୋଇଥାଏ। ତେବେ ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚୈତ୍ର ଦଣ୍ଡ ଉଠିଥାଏ। ଏହି ଚୈତ୍ର ଦଣ୍ଡ ବା ଝାମୁ ଯାତ୍ରା ୨୧, ୧୭, ୧୩ ଦିନ ଧରି ନିଷ୍ଠା କାଷ୍ଠାର ସହିତ ପାଳିତ ହୋଇଥାଏ। ଦଣ୍ଡୁଆଙ୍କ କହିବା ଅନୁଯାୟୀ ତେର ଭୁକ୍ତା ବା ଦଣ୍ଡୁଆଙ୍କ ମେଳରେ ରୀତିନୀତି ଅନୁସାରେ ଦକ୍ଷିଣକାଳୀ ଓ ରୁଦ୍ରକାଳୀଙ୍କୁ ପୂଜାର୍ଚ୍ଚନା କରାଯାଇ ନିଶାର୍ଦ୍ଧ ରାତିରେ ଦଣ୍ଡ ଉଠିଥାଏ। ଦଣ୍ଡ ଉଠିବା ପର ଦିନ ଗାଁ ପରିକ୍ରମା କରିବା ସହ ବନ୍ଦାଣ ଘେନି ହୋଇଥାଏ। ଦଣ୍ଡୁଆମାନେ ମାସ ସାରା ନିଷ୍ଠାର ସହ ବ୍ରତ କରି କାଳୀଙ୍କୁ ପୂଜା କରି କଠିନ ସାଧନା କରିଥାନ୍ତି। ବିଷୁବ ସଂକ୍ରାନ୍ତି ବା ମେରୁ ଯାତ୍ରା ଦିନ ବ୍ରତ ଭାଙ୍ଗିଥାନ୍ତି। ଯାତ୍ରା ସମୟରେ ତେର ଭୁକ୍ତାଙ୍କୁ କଠୋର ନିୟମ ମାନି ଚଳିବାକୁ ହୁଏ। ସେମାନେ ଧୂଳି ଦଣ୍ଡ, ପାଣି ଦଣ୍ଡ ଆଦି କରିଥାନ୍ତି। ଏଭଳି ସାଧନା ଓ ଆରାଧନାରେ ଦେବୀ ତୁଷ୍ଟ ହୋଇ ଭୁକ୍ତା ଓ ମାନସିକଧାରୀଙ୍କ ମନସ୍କାମନା ପୂରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଏହି ଯାତ୍ରା ହେଉଥିବା ଗ୍ରାମ ଗୁଡିକରେ ଏହି ସମୟରେ ଆମିଷ ବାରଣ ରହିଥାଏ। ଚଳିତ ବର୍ଷ ହରଭଙ୍ଗା, କୁସଙ୍ଗ, ତିଳେଶ୍ୱର, ଶରଧାପୁର, ପୁରୁଣା କଟକ, ତାକୁଡ଼, ଖଣ୍ଡହତା, ବୁରୁବୁଡ଼ା, ସାକୁସିଙ୍ଗା, ଧଳପୁର, କରଡ଼ି, ପୁରୁଣା କଟକ, ବନ୍ତିଝୁଲି, ଖଲିଆପାଲି, ଲଣ୍ଡେ ଜୁର, ସରସରା, ମହୁଲ ବୁରୀ, ବିରାମଚନ୍ଦ୍ରପୁର ଆଦି ଗ୍ରାମରେ ଚୈତ୍ର ଦଣ୍ଡ ଯାତ୍ରା ହେଉଛି।

## ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

ବୌଦ୍ଧ, ୩।୪(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ଧଳପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଜିଲ୍ଲାସ୍ତରୀୟ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ପିଲାଙ୍କ ନାମ ଲେଖାଯିବ। ଏଥିପାଇଁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଏବଂ ଶିକ୍ଷା ସଚେତନତା ରଥ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ବସିଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଭାସ୍କର ଲେଙ୍କା, ଶିବଶଙ୍କର ଶତପଥୀ, ହରଭଙ୍ଗା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୁବନେଶ୍ୱର ସେଠୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିସିକେଶନ ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ନାୟକ ଓ ଧଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୋଲସ୍ତି ଭୋକ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଜବରଦଖଲକାରୀଙ୍କ କବଜାରେ ଗୋଚର ଜମି

ବୌଦ୍ଧ, ୩।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ଗୁଣ୍ଡୁଚିତାରା ଗ୍ରାମର ପାଖାପାଖି ୧୦୦ ଏକର ଗୋଚର ଜମିକୁ କିଛି ବର୍ଷ ହେବ ଗ୍ରାମର କିଛି ଲୋକ ଜବରଦଖଲ କରି ଚାଷ କରି ଆସୁଛନ୍ତି। ଏହା ଫଳରେ ଗାଈଗୋରୁ ସହ ଛେଳି ମେଣ୍ଢା ଆଦି ଗୃହ ପାଳିତ ପଶୁଙ୍କ ଚାରଣ ଭୂମି କବଜା ହେବା ସହ ଚରିବା ପାଇଁ ଅସୁବିଧା ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଜବରଦଖଲକାରୀଙ୍କ କବଜାରୁ ଗୋଚର ଜମି ଚିହ୍ନଟ କରି ଉଚ୍ଛେଦ କରିବା ସହ ଚାଷ ବନ୍ଦ କରିବାକୁ ଦାବି କରିଛନ୍ତି।

## ଟ୍ରେନ୍ ଆଗକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା



ବଲାଙ୍ଗିର, ୩।୪(ସମିସ): ବଲାଙ୍ଗିର ରେଳଷ୍ଟେସନ ରୁ କିଛି କିଲୋମିଟର ଦୂରରେ ଖୁଜେନପାଲି ରେଳ ବ୍ରିଜ ଉପରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି। ଯୁବତୀ ଜଣକ ମାଲଗୋଦାମପଡ଼ା ଅଞ୍ଚଳର ପ୍ରୀତି ସାହୁ (୨୦)। ସେ ବିଳମ୍ବିତ ରାତିରେ ଏକ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଗୁରୁବାର ବିଳମ୍ବିତ ରାତିରେ ହାୱଡା ଅଭିମୁଖେ ଯାଉଥିବା ଏକ ସ୍ୱତନ୍ତ୍ର ଟ୍ରେନର ଲୋକୋ ପାଇଲଟ ଜଣେ ଯୁବତୀ ଡେଇଁ ଆତ୍ମହତ୍ୟା କରିଥିବା ବଲାଙ୍ଗିର ଷ୍ଟେସନରେ ସୂଚନା ଦେଇଥିଲେ। ଶୁକ୍ରବାର ସକାଳୁ ଜିଆରପି ପହଞ୍ଚି ଶବ ଜବତ କରିଥିଲା। ପ୍ରଥମେ ଯୁବତୀଙ୍କ ପରିଚୟ ଜଣାପଡ଼ି ନ ଥଲା। ପରେ ତାଙ୍କ ବାପା ଆସି ଚିହ୍ନଟ କରିଥିଲେ। ତାଙ୍କ ବାପାଙ୍କ ସୂଚନା ଅନୁସାରେ ଯୁବତୀ ଜଣକ ନାବାଳିକା ସମୟରେ ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ବିଚ୍ଛେଦ ହୋଇଥିଲା। ପରବର୍ତ୍ତି ସମୟରେ ସେ ଆଉ ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ; କିନ୍ତୁ ତାହା ମଧ ସଫଳ ହୋଇ ନ ଥିଲା। ଗତ ଚାରି ମାସ ହେଲା ସେ ଝିଅକୁ ଆଣି ଘରେ ରଖିଥିଲେ। ସହରରେ ତାଙ୍କ ପାଇଁ ଏକ କାମ ମଧ ଠିକ କରିଦେଇଥିଲେ। ଝିଅର କାର୍ଯ୍ୟକଳାପରେ ସେ ଅସନ୍ତୁଷ୍ଟ ହୋଇ କିଛି ଦିନ ପୂର୍ବରୁ ମୋବାଇଲ ନେଇଯାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା; କିନ୍ତୁ ସେ କାହିଁକି ଆତ୍ମହତ୍ୟା କଲେ ତାହା ତାଙ୍କ ବାପା ମଧ ସ୍ପଷ୍ଟ ଭାବେ ଉତ୍ତର ରଖି ନ ଥିଲେ। ପ୍ରେମ ସମ୍ପର୍କକୁ ନେଇ ରହିଥିବା ସମସ୍ୟା ହିଁ ଆତ୍ମହତ୍ୟାର କାରଣ ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି।

## ଜଳ ଯୋଗାଣ ପ୍ରକଳ୍ପ ଟାଙ୍କି ପାଇଁ ଖୋଳାଯାଇଥିବା କୂଅରେ ପଡ଼ି ଶ୍ରମିକ ଗୁରୁତର



ବଲାଙ୍ଗିର, ୩।୪(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ବରବାହାଲରେ ଶୁକ୍ରବାର ଅଘଟଣ ଘଟିଛି। ସରକାରଙ୍କ ବସୁଧା ଯୋଜନାରେ ନିର୍ମାଣ କରାଯାଉଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଟାଙ୍କି ପାଇଁ ଖୋଳାଯାଇଥିବା କୂଅରେ ପଡ଼ି ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ଗୁରୁତର ଶ୍ରମିକ ଜଣକ ନୟାଗଡ଼ ଅଞ୍ଚଳର ତ୍ରିଲୋଚନ ପ୍ରଧାନ( ୫୫)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ୧୦୮ ଆମ୍ବୁଲାନ୍ସକୁ ଫୋନ୍ ଯୋଗେ ଜଣାଇଥିଲେ। ତୁରନ୍ତ ଏକ ୧୦୮ ଆମ୍ବୁଲାନ୍ସ ସହ ଅଗ୍ନିଶମ କର୍ମଚାରୀ ମଧ ପହଞ୍ଚିଥିଲେ। ତାଙ୍କୁ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

# ଘସିଏନରେ ବେଆଇନ ବରଫ କାରଖାନା

- କାର୍ଯ୍ୟାନୁଷ୍ଠାନ ନେବାକୁ ପାଟଣାଗଡ଼ ଉପଜିଲ୍ଲାପାଳଙ୍କଠାରେ ଲିଖିତ ଅଭିଯୋଗ
- କଦର୍ଯ୍ୟ ଓ ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି ହେଉଛି
- ବିଆଇଏସ ପ୍ରମାଣ ପତ୍ର, ଟ୍ରେଡ଼ମାର୍କ, ଆଇଏସଆଇ ମାର୍କ ନାହିଁ
- ମାନୁଫାକଚର ଓ ଏକ୍ସପାୟାରୀ ତାରିଖ ରହୁନି



ପାଟଣାଗଡ଼, ୩।୪(ସମିସ)

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଲରମ୍ବା ଥାନା ଘସିଏନ ଗାଁରେ ଦୀର୍ଘ ଦିନରୁ ଏକ ବେଆଇନ ବରଫ ତିଆରି କାରଖାନା ଚାଲିଛି। ଏହାଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପାଟଣାଗଡ଼ ଉପଜିଲ୍ଲାପାଳଙ୍କଠାରେ ଲିଖିତ ଅଭିଯୋଗ ହୋଇଛି। ଘୁମେର ଗାଁର ରୋହିତ ସାହୁ ଏହି ଅଭିଯୋଗ କରିଛନ୍ତି।

କଦର୍ଯ୍ୟ ଓ ଅସ୍ୱାସ୍ଥ୍ୟକର ପରିବେଶରେ ବେଆଇନ ଭାବେ ବରଫ ତିଆରି ହେଉଛି। ଏହି କାରଖାନାରେ ବରଫ ତିଆରି ପାଇଁ ବିଆଇଏସ ପ୍ରମାଣ ପତ୍ର ନାହିଁ। ଟ୍ରେଡ଼ ମାର୍କ ମଧ ନାହିଁ। ଆଇଏସଆଇ ମାର୍କ ବି ନାହିଁ। ମାନୁଫାକଚର ଓ ଏକ୍ସପାୟାରୀ ତାରିଖ ବରଫରେ ପ୍ରିଣ୍ଟ ହେବା କଥା; କିନ୍ତୁ ତାହା କରାଯାଉନାହିଁ। ଏଥିସହ ବରଫ ତିଆରି ପାଇଁ ବ୍ୟବହାର କରୁଥିବା ପାଣି ଦୂଷିତ ହେବାସହ ପାଣି ଉପରେ କୀଟ, ପତଙ୍ଗ ପଡ଼ି ରହୁଛି। ଏଠାରେ ତିଆରି ବରଫ ଖାଇବା ଉପଯୋଗୀ ନୁହେଁ। ବୈଧ ଲାଇସେନ୍ସ ନ ଥାଇ ବେଆଇନ ଭାବେ ବରଫ ତିଆରି କରାଯାଉଛି। ଏହି କାରଖାନାରୁ ବରଫ ନେଇ ୫୦ରୁ ଅଧିକ ବେପାରୀ ନିକଟସ୍ଥ ଗାଁଗୁଡିକରେ ବିକ୍ରି କରୁଛନ୍ତି। ଏହାଫଳରେ ଏହି ବରଫ ଖାଇ ଛୋଟ ଛୋଟ ଶିଶୁ ସହ ଲୋକଙ୍କ ଜୀବନ ହାନି ହେବାର ଆଶଙ୍କା ରହିଛି। ତେଣୁ କୌଣସି ଅଘଟଣ ଘଟିବା ପୂର୍ବରୁ ଅଞ୍ଚଳବାସୀଙ୍କ ହିତ ପାଇଁ ଏହି ବରଫ କାରଖାନା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଶ୍ରୀ ସାହୁ ପାଟଣାଗଡ଼ ଉପଜିଲ୍ଲାପାଳଙ୍କଠାରେ ଦାବି କରିଛନ୍ତି।

# ପେଟ୍ରୋଲ, ଗ୍ୟାସ୍ କିଣାରେ ଗ୍ରାହକ ଠକେଇର ଶିକାର

**ରାଉରକେଲା, ୩।୪(ସମିସ)**

ପ୍ରତିଦିନ ଗ୍ରାହକ ମାନେ ବିଭିନ୍ନ ଆଳରେ ଠକାମୀର ଶିକାର ହେଉଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି। ଏବେ ସୁନ୍ଦରଗଡ଼ ଜିଲ୍ଲାର ଗ୍ରାହକମାନେ ପେଟ୍ରୋଲ ଓ ଗ୍ୟାସ କ୍ରୟ ବେଳେ ଠକାମୀର ଶିକାର ହେଉଥିବା ଅଭିଯୋଗ ହୋଇଛି। ଏହାର ସମାଧାନ ପାଇଁ ପେଟ୍ରୋଲ ଓ ଗ୍ୟାସ୍ କ୍ରୟ କ୍ଷେତ୍ରରେ ନିୟମିତ ବିଭାଗ ପକ୍ଷରୁ ତଦାରଖ ସହ ଅଚାନକ ଚଢ଼ଉ ପାଇଁ ଦାବି ଜୋର୍ ଧରିଛି। ସୂଚନାନୁଯାୟୀ, ଏବେ ସାଧାରଣ ଜୀବନରେ ପେଟ୍ରୋଲ ଓ ଏଲପିଜି ଗ୍ୟାସ୍ ଅତ୍ୟାବଶ୍ୟକ ଦ୍ରବ୍ୟ ପାଲଟିଛି। ବିଭିନ୍ନ କମ୍ପାନୀ ଓ ଏଜେନ୍ସି ଦ୍ୱାରା ଏହା ଗ୍ରାହକଙ୍କୁ ବଣ୍ଟନ କରାଯାଉଛି। ଏଥିପାଇଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପେଟ୍ରୋଲ ପମ୍ପ ଓ ଗ୍ୟାସ ଏଜେନ୍ସି ମଧ୍ୟ ରହିଛି। ମାତ୍ର ସେଠାରେ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ହେଉନଥିବାରୁ ଗ୍ରାହକ ଠକାମୀର ଶିକାର ହେଉଛନ୍ତି। ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ୧୦୦ରୁ ଉର୍ଦ୍ଧ୍ୱ ପେଟ୍ରୋଲ ପମ୍ପ ଅଛି। ଏସବୁ ପେଟ୍ରୋଲ ପମ୍ପ ଗୁଡ଼ିକରେ ପ୍ରତିଦିନ ହଜାର ହଜାର ଗ୍ରାହକ ନିଜ ଗାଡିରେ ପେଟ୍ରୋଲ ପକାଉଛନ୍ତି। ଏଥିରେ ଲକ୍ଷାଧିକ ଟଙ୍କାର ବ୍ୟବସାୟ ହେଉଛି। ମାତ୍ର ଏଥିରେ ଗ୍ରାହକଙ୍କୁ ଅଭିନବ ଉପାୟରେ ଠକା ଯାଉଛି। ଗ୍ରାହକ ଯେତେ ଟଙ୍କାର ପେଟ୍ରୋଲ କ୍ରୟ କରୁଛନ୍ତି ସେତିକି ଟଙ୍କାର ପେଟ୍ରୋଲ ନ ମିଳି କମ୍ ମିଳୁଛି। କିଛି ପେଟ୍ରୋଲ ପମ୍ପରେ ଏଭଳି ବେଆଇନ କାମ କରାଯାଉଥିବା ଅଭିଯୋଗ ହୋଇଛି। ନିୟମ ମୁତାବକ ଗ୍ରାହକଙ୍କ ଜାଣିବା ଉଦ୍ଦେଶ୍ୟରେ ପ୍ରତି ପେଟ୍ରୋଲ ପମ୍ପ ଗୁଡ଼ିକରେ ବୈଧମାପ ବିଭାଗ ପକ୍ଷରୁ ମିଳିଥିବା ଯାଞ୍ଚ ପ୍ରମାଣପତ୍ର ଲଗାଯିବା ବାଧ୍ୟତାମୂଳକ। ଏହା ବ୍ୟତୀତ ଗ୍ରାହକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜାରି ହୋଇଥିବା ବିଭିନ୍ନ ହେଲ୍ପ ଲାଇନ ସାର୍ବଜନୀନ କରାଯିବା ଉଚିତ। ମାତ୍ର ଅଧିକାଂଶ ପେଟ୍ରୋଲ ପମ୍ପ ଗୁଡ଼ିକ ଏହା କରୁ ନଥିବା ଅଭିଯୋଗ ଆସିଛି। ସମାନ ସମସ୍ୟା ଗ୍ୟାସ କ୍ଷେତ୍ରରେ

**ବିଭାଗ ପକ୍ଷରୁ ତଦାରଖ ଓ ଚଢ଼ଉ ଦାବି**

ଦେଖିବାକୁ ମିଳୁଛି। ରୋଷେଇରେ ଗ୍ୟାସ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହା ସାଧାରଣ ଲୋକଙ୍କୁ ବଣ୍ଟନ କରାଯାଉଛି। ଏଥିପାଇଁ ସବସିଡି ବ୍ୟବସ୍ଥା କରାଯାଉଛି। ଜିଲ୍ଲାର ଅନେକ ଶ୍ରେଷ୍ଠ ଏଜେନ୍ସିକୁ ଏହାର ବଣ୍ଟନ ଦାୟିତ୍ୱ ଦିଆଯାଇଛି। ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବସବାସ କରୁଥିବା ଲୋକଙ୍କୁ ସେମାନେ ଏହି ଏଲପିଜି ଯୋଗାଇ ଦେଉଛନ୍ତି। ତେବେ ପ୍ରତି ସିଲିଣ୍ଡରରେ କିଛି ଦିନ ହେବ ୨ ରୁ ୩ କିଗ୍ରା ଲେଖାଏଁ ଗ୍ୟାସ୍ କମ୍ ରହୁଥିବା ନଜରକୁ ଆସିଛି। ଯୋଗାଣ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ନହେବାରୁ ସାଧାରଣ ଲୋକେ ଗ୍ୟାସ କ୍ରୟରେ ଏଭଳି ଠକାମୀର ଶିକାର ହେଉଛନ୍ତି। ଏହାଦ୍ୱାରା ଏହି ଦାୟିତ୍ୱରେ ଥିବା କିଛି ଅସାଧୁ କର୍ମଚାରୀ ମାଲେମାଲ ହେଉଥିବା ଏଲପିଜି ଗ୍ରାହକମାନେ ଅଭିଯୋଗ କରିଛନ୍ତି। ନିୟମ ମୁତାବକ ସିଲିଣ୍ଡର ଦେବା ସମୟରେ ସମ୍ପୃକ୍ତ କର୍ମଚାରୀ ଉପଭୋକ୍ତାଙ୍କ ଘରେ ଓଜନ କରି ଡେଲିଭରି ଦେବା କଥା। ମାତ୍ର ସଚେତନତା ଅଭାବରୁ ସେମାନେ ତାହା କରୁ ନାହାନ୍ତି। ଫଳରେ ଉପଭୋକ୍ତା ଠକାମୀର ଶିକାର ହେଉଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ଅଭିଯୋଗର ନିରପେକ୍ଷ ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି।

# ରୋଟାରୀ ଜିଲ୍ଲା ଗଭର୍ଣ୍ଣରଙ୍କ ରାଉରକେଲା ଗସ୍ତ

**ରାଉରକେଲା, ୩।୪(ସମିସ):** ରୋଟାରୀ ଜିଲ୍ଲା ୩୨୬୧ର ଗଭର୍ଣ୍ଣର ରୋଟାରିଆନ ଅମିତ ଜୟସ୍ୱାଲଙ୍କ ରାଉରକେଲା ଗସ୍ତ ଅବସରରେ ରୋଟାରୀ କ୍ଲବ୍ ରିଭରସାଇଡ୍ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରୋଟାରିଆନ ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱାଗତ ସଭାରେ ଗଭର୍ଣ୍ଣର ଶ୍ରୀ ଜୟସ୍ୱାଲଙ୍କୁ ରୋଟାରିକ୍ଲବ ରାଉରକେଲା ରିଭରସାଇଡର ରୋଟାରିଆନ ସଭ୍ୟମାନେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପରେ ବିଗତ ଦିନରେ ରିଭରସାଇଡ୍ ଦ୍ୱାରା କରାଯାଇଥିବା ବିଭିନ୍ନ




ସମାଜ ସେବା ମୂଳକ କାର୍ଯ୍ୟକ୍ରମକୁ ପାୱାର ପଏଣ୍ଟ ମାଧ୍ୟମରେ ଗଭର୍ଣ୍ଣରଙ୍କୁ ଅବଗତ କରିଥିଲେ। ଏହି ଅବସରରେ ଜୟସ୍ୱାଲ କଳିଙ୍ଗ ବିହାର, କୋଅପରେଟିଭ କଲୋନୀ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରିଭରସାଇଡ ଦ୍ୱାରା ପ୍ରଦତ୍ତ କମ୍ପ୍ୟୁଟର ସେଣ୍ଟରର ଉଦ୍‌ଘାଟନ କରିଥିଲେ। ରିଭରସାଇଡର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିବା ସହ ଏହି ସମସ୍ତ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ପାଦକ ଶରତ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ବସନ୍ତ କୁମାର ପାଠି, ପ୍ରାକ୍ତନ ସଭାପତି ଡା. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଦୀପକ କୁମାର ଦାଶ, ସିଦ୍ଧିନାଥ ଜ୍ୟୋତିଷ, ସନ୍ତୋଷ କୁମାର ମିଶ୍ର, ଡ. ସୁଧାରାଣୀ ପ୍ରଧାନ, ମଞ୍ଜୁଳା ପାତ୍ର, ଅଜିତା ମହାନ୍ତି, ସୁଖବୀନ୍ଦର ସିଂହ ଶେଖୋ, ଘନଶ୍ୟାମ ମିରୀ, ଅଜିତା ମହାନ୍ତି, ମଞ୍ଜୁଳା ପାତ୍ର, ଅପୂର୍ବ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

**ରାଜଗାଙ୍ଗପୁରରେ ଡକାୟତି ଯୋଜନା ପଣ୍ଡ**

# ୬ ଗିରଫ; ମାରଣାସ୍ତ୍ର ଜବତ



**ରାଉରକେଲା, ୩।୪(ସମିସ):** ରାଜଗାଙ୍ଗପୁର ଥାନା ସୁରୁଡିହ ଗାଁରେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକ ବଡଧରଣର ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୁଲିସ ଏହି ଯୋଜନାକୁ ପଣ୍ଡ କରିଛି। ଏହି ଘଟଣାରେ ୬ ଜଣ ଡକାୟତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରିଛି। ସୂଚନାନୁଯାୟୀ, ରାଜଗାଙ୍ଗପୁର ଥାନା ସୁରୁଡିହ ଗାଁର ଏକ ନିଛାଟିଆ ସ୍ଥାନରେ ବସି ଏକ ବଡଧରଣର ଡକାୟତି ସହ ଘର ଡକାୟତି କରିବା ପାଇଁ ଯୋଜନା କରୁଥିବା ସୂଚନା ପାଇ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ରାଜଗାଙ୍ଗପୁର ଥାନା ପୁଲିସ ଚଢ଼ଉ କରି ଘଟଣା ସ୍ଥଳରୁ ୬ ଜଣ ଡକାୟତଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ଛୁରୀ, ଲଙ୍କା ଗୁଣ୍ଡ, ଗାମୁଛା, ୨ଟି ଲୁହାଛଡ ଜବତ କରାଯାଇଛି। ଚଢ଼ଉ ବେଳେ ଘଟଣା ସ୍ଥଳରୁ ୨ ଜଣ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସେମାନେ ନିକଟସ୍ଥ ପେଟ୍ରୋଲ ପମ୍ପ ସମେତ କିଛି ଘର ଓ ଦୋକାନରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ ବୋଲି ଗିରଫ ପରେ ସେମାନେ ପୁଲିସ ଆଗରେ ସ୍ୱୀକାର କରିଛନ୍ତି।

# ପାରିବାରିକ କଳହରୁ ସ୍ତ୍ରୀକୁ ହତ୍ୟା; ସ୍ୱାମୀ ଅଟକ



**ବଣାଇଁ, ୩।୪(ସମିସ):** ବଣାଇଁ ଥାନା ବାବୁ ନୂଆଗାଁରେ ସାମାନ୍ୟ ବଚସାକୁ ନେଇ ସ୍ୱାମୀ ନିଜ ସ୍ତ୍ରୀକୁ ହତ୍ୟା କରିବା ଘଟଣା ଏବେ ଚାଞ୍ଚଲ୍ୟ ଖେଳାଇଛି। ମୃତକ ଜଣକ ହେଲେ ସୋନିଆ ସିଂ। ସୂଚନାନୁଯାୟୀରେ, ଅଜୟ ସିଂ ଓ ତାଙ୍କ ସ୍ତ୍ରୀ ସୋନିଆ ସିଂ ମଧ୍ୟପ୍ରଦେଶରୁ ତାଙ୍କର ଚାରି ଜଣ ସନ୍ତାନଙ୍କ ସହିତ ବଣାଇଁ ଅଞ୍ଚଳକୁ ଫେରି କରିବାକୁ ଆସିଥିଲେ। ଗୁରୁବାର ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କୌଣସି ପାରିବାରିକ କାରଣକୁ ନେଇ ବଚସା ହୋଇଥିଲା। ପରେ ଉତ୍‌କ୍ଷିପ୍ତ ହୋଇ ଅଜୟ ସିଂ ତାଙ୍କ ସ୍ତ୍ରୀ ସୋନିଆଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସୋନିଆ ସିଂଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳେ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଣାଇଁ ଡାକ୍ତରଖାନାକୁ ପଠାଇବା ସହ ଅଭିଯୁକ୍ତ ସ୍ୱାମୀ ଅଜୟ ସିଂଙ୍କୁ ଥାନାରେ ନେଇ ଅଟକ ରଖିଛି। ଅନ୍ୟପଟେ ଦମ୍ପତିଙ୍କ ଚାରି ଜଣ ଛୁଆଙ୍କୁ ମଧ୍ୟ ପୁଲିସ ନିଜ ହେପାଜତରେ ରଖି ଘଟଣାର ତଦନ୍ତ ଜାରି ରଖିଛି।

# କେ କେ ସିଂହଙ୍କୁ ସେଲ୍‌ର ସିଏମ୍‌ଡି ଦାୟିତ୍ୱ

**ରାଉରକେଲା, ୩।୪(ସମିସ):** ସେଲ୍‌ର ସିଏମଡି ଭାବରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି କୃଷ୍ଣ କୁମାର ସିଂହ। ଏହା ପୂର୍ବରୁ ସେ ସେଲର ନିର୍ଦ୍ଦେଶକ (କାର୍ମିକ) ଦାୟିତ୍ୱରେ ଥିଲେ। ସେ ସେଲର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିବା



ଜଣାପଡ଼ିଛି। ସୂଚନାଯୋଗ୍ୟ, ଶ୍ରୀ ସିଂହ ୧୯୮୭ ମସିହାରେ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟରେ ମ୍ୟାନେଜମେଣ୍ଟ ଟ୍ରେନି ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ଯେଉଁଠାରେ ସେ ମାନବ ସମ୍ବଳ ବିକାଶ ବିଭାଗକୁ ସ୍ଥାନାନ୍ତର ହେବା ପୂର୍ବରୁ ବ୍ଲୁମିଂ ଏବଂ ବିଲେଟ୍ ମିଲ୍‌ରେ ଏକ ଦଶନ୍ଧିରୁ ଅଧିକ ସମୟ ବିତାଇଥିଲେ। ଏହାସହ ସେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଭାରପ୍ରାପ୍ତ) କାର୍ମିକ ଏବଂ ପ୍ରଶାସନ ସମେତ ଅନେକ ନେତୃତ୍ୱ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ୨୦୨୨ ମସିହାରେ ନିର୍ଦ୍ଦେଶକ (କାର୍ମିକ) ଭାବରେ ନିଯୁକ୍ତ ହୋଇଥିଲେ।

# ଓଡ଼ିଆ ପକ୍ଷରେ ପାରମ୍ପରିକ ପୋଷାକ ପରିଧାନ



**ରାଉରକେଲା, ୩।୪(ସମିସ):** 'ଓଡ଼ିଆ ପକ୍ଷ' ପାଳନର ଦ୍ୱିତୀୟ ଓ ତୃତୀୟ ଦିବସରେ ପାରମ୍ପରିକ ପୋଷାକ ପରିଧାନ କାର୍ଯ୍ୟକ୍ରମ 'ଆମ ପୋଷାକ ଆମ ପରିଚୟ' ଆୟୋଜିତ ହେଉଛି। ଏହି କ୍ରମରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରି ସାମିଲ ହୋଇଥିଲେ। ସେହିପରି ସମସ୍ତ କାର୍ଯ୍ୟାଳୟ, ବ୍ଲକ, ତହସିଲ, ପୌର ପରିଷଦ ଅଞ୍ଚଳ ସହ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରିବା ସହ 'ଆମ ପୋଷାକ ଆମ ପରିଚୟ' ସ୍ଲୋଗାନ ଦେଇଥିଲେ।

# ବିକ୍ରୟ ଏବଂ ଉତ୍ପାଦନ କ୍ଷେତ୍ରରେ ସେଲ୍‌ର ସର୍ବୋଚ୍ଚ ପ୍ରଦର୍ଶନ ରେକର୍ଡ

**ରାଉରକେଲା, ୩।୪(ସମିସ):** ଦେଶର ସର୍ବବୃହତ ଇସ୍ପାତ ନିର୍ମାଣକାରୀ କମ୍ପାନୀ, ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍‌ଫ), ବିଗତ ୨୦୨୫-୨୬ ଆର୍ଥିକ ବର୍ଷରେ ଏହାର ସର୍ବୋଚ୍ଚ ପ୍ରଦର୍ଶନ ସହ ଉଭୟ ବିକ୍ରୟ ଏବଂ ଉତ୍ପାଦନରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। କମ୍ପାନୀ ଏହାର ବ୍ରାଣ୍ଡ ଉପସ୍ଥିତି ଏବଂ ଗ୍ରାହକ ଉପଲବ୍ଧତାକୁ ସୁଦୃଢ଼ କରି ୨୦.୧୪ ନିୟୁତ ଟନ୍ (ଏମ୍ଟି) ର ସର୍ବୋତ୍ତମ ବିକ୍ରୟ ରେକର୍ଡ ହାସଲ କରିଛି। ଯାହା ପୂର୍ବ ବର୍ଷର ୧୮.୦୭ ମିଲିୟନ ଟନ୍ ତୁଳନାରେ ୧୧.୫ ପ୍ରତିଶତ ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହି ଅଭିବୃଦ୍ଧି ସମସ୍ତ ଉତ୍ପାଦ ବର୍ଗରେ ବ୍ୟାପକ ହେବା ସହ ବିକ୍ରୟରେ ବୃଦ୍ଧି ଆଣିପାରିଛି। ସେଲ୍‌ଫ ଏହାର ଉତ୍ପାଦନ କ୍ଷେତ୍ରରେ ୧୯.୪୩ ମିଲିୟନ ଟନ୍ ସର୍ବୋତ୍ତମ ଅଶୋଧିତ ଇସ୍ପାତ ଉତ୍ପାଦନ ଏବଂ ୧୯.୧୭୬ ମିଲିୟନ ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ କରିଛି। ଯାହା ପୂର୍ବର ସମସ୍ତ ରେକର୍ଡକୁ ଅତିକ୍ରମ କରିଛି। ଏଥି ସହ ସେଲ୍‌ଫ, ଦୃଢ଼ ପ୍ରଦର୍ଶନ ମାଧ୍ୟମରେ ଉନ୍ନତ ଦକ୍ଷତା, କାର୍ଯ୍ୟକାରିତାରେ ଉତ୍କର୍ଷ ପ୍ରଦର୍ଶନ କରି



ଚିରନ୍ତନୀ ଓ ପ୍ରତିଯୋଗିତାମୂଳକ ଇସ୍ପାତ ନିର୍ମାଣ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ବିଶ୍ୱସ୍ତରୀୟ ରେଳ ମିଲ୍‌ରୁ ସର୍ବକାଳୀନ ଦୀର୍ଘ ରେଳ ଉତ୍ପାଦନ ସହିତ ଭାରତୀୟ ରେଳବାଇକୁ ୧.୨୫ ମିଲିୟନ ଟନ୍‌ର ରେକର୍ଡ ଯୋଗାଣ କରି ଭାରତର ରେଳ ବିସ୍ତାରରେ ଉତ୍କୃଷ୍ଟ ଏବଂ ରଣନୈତିକ ଅବଦାନ ଦେଇପାରିଛି। ଉଲ୍ଲେଖନୀୟ ଯେ, ଆଲୋଚ୍ୟ ସମୟରେ ସେଲ୍‌ଫ ରପ୍ତାନିକୁ ୨.୯ ଲକ୍ଷ ଟନ୍‌କୁ ବୃଦ୍ଧି କରିବା ସହ ୧୬୨ ପ୍ରତିଶତ ଅଭିବୃଦ୍ଧି ପଞ୍ଜିକରଣ କରି ସଫଳତାର ସହ ଭୁଟାନ ସମେତ ନୂତନ ଆନ୍ତର୍ଜାତୀୟ ବଜାରରେ ନିଜକୁ ସାବ୍ୟସ୍ତ କରିପାରିଛି। ଏହି ସଫଳତାଗୁଡ଼ିକ ସେଲ୍‌ଫକୁ ନିରବଚ୍ଛିନ୍ନ ମୂଲ୍ୟ ପ୍ରଦାନରେ ଦକ୍ଷ କରିବା ସହିତ ଏହାର ବ୍ରାଣ୍ଡ ସ୍ଥିତିକୁ ଉନ୍ନତ କରି ବହୁବିଧ ବଜାରରେ ଏହାର ଗ୍ରାହକ ଉପଲବ୍ଧିକୁ ବିସ୍ତାର କରିପାରିଛି।

# ଉତ୍କଳ ସ୍ନେହୀ ମହିଳା ସମିତିର ସ୍ୱାସ୍ଥ୍ୟ ସଚେତନତା ଶିବିର



**ରାଉରକେଲା, ୩।୪(ସମିସ):** ଉତ୍କଳ ସ୍ନେହୀ ମହିଳା ସମିତି ତରଫରୁ ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବହୁ ସଂଖ୍ୟାରେ ବୟସ୍କ ପୁରୁଷ ଓ ମହିଳା ନିଜ ନିଜର ରକ୍ତ ପରୀକ୍ଷା କରିବା ସହିତ ଆକ୍ୟୁପ୍ରେସର ଦ୍ୱାରା ବିଭିନ୍ନ ରୋଗର ଉପଚାର ବିଷୟରେ ଅବଗତ ହୋଇଥିଲେ। ଆକ୍ୟୁପ୍ରେସର ବିଶେଷଜ୍ଞ ସୁରେନ୍ଦ୍ର ନାଥ ବେହେରା ଏହି କର୍ମଶାଳାରେ ଯୋଗ ଦେଇ ବିଭିନ୍ନ ରୋଗର ଉପଚାର ବିଷୟରେ ଆଲୋଚନା କରିଥିଲେ। ତାଙ୍କ ସହଯୋଗୀ ପ୍ରକାଶ କୁମାର ପାତ୍ର, ଜୟନ୍ତୀ ରାଉତରାୟ, ନନ୍ଦିତା ବେହେରା, ସସ୍ମିତା ପ୍ରଧାନ, ଜ୍ୟୋତିର୍ମୟୀ ମହାନ୍ତି, ଭାରତୀ ସାହୁ, ପ୍ରିୟମ୍ବଦା ନନ୍ଦ, ମିନତି ଦାସ, ଦେବସ୍ମିତା ମହାନ୍ତି ଓ ମନୋରମା ସାହୁ କର୍ମଶାଳାରେ ଯୋଗ ଦେଇଥିଲେ। ଡା. ଗୋକୁଳାନନ୍ଦ ସାହୁ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆଇଲିନ୍ ଟିଗ୍ଗା, ଲିଲି ଶର୍ମା ଓ ସୌମ୍ୟ କାନ୍ତ ମହାରଣା ରକ୍ତ ଶର୍କରା ଓ ହିମୋଗ୍ଲୋବିନ୍ ପରୀକ୍ଷା କରିଥିଲେ। ମହିଳା ସମିତିର ସବିତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ସାବିତ୍ରୀ ଦାସ, ଗିତା ସେନାପତି, ପ୍ରୀତି ସାହୁ, ସ୍ନିଗ୍ଧା ସାମନ୍ତରାୟ, ସବିତା ନନ୍ଦ, ଗିତା ମିଶ୍ର, ଜ୍ୟୋତି ମହାପାତ୍ର, ରାଜଶ୍ରୀ ପଣ୍ଡା, ବିଜୟଲକ୍ଷ୍ମୀ ମିଶ୍ର, ଅନିତା ସାହୁ ସହଯୋଗ କରିଥିଲେ। ଗୋପବନ୍ଧୁ ପାଠାଗାରର ସଭାପତି ନବଘନ ସାହୁ, ଲକ୍ଷ୍ମଣ ନାଥ ଦାସ, ହରିହର ନାୟକ, ସୂର୍ଯ୍ୟ ନାରାୟଣ ପଣ୍ଡା, ଦିବାକର ପାଣିଗ୍ରାହୀ, ରାଧାମୋହନ ନାୟକ, ଉମେଶ ଚନ୍ଦ୍ର ଜେନା, ଅଶୋକ କୁମାର ଶୁକ୍ଳ, ଗୁରୁଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କଟଙ୍ଗ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁତ୍ରା, ୩।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କଟଙ୍ଗ ସେବାଶ୍ରମ ବିଦ୍ୟାଳୟର ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ମାନିନୀ ବାରିହା ସ୍ୱାଗତ ଭାଷଣ ଦେଇଥିବାବେଳେ ରବୀନ୍ଦ୍ର ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଧରଣୀଧର ଅଡା ବାର୍ଷିକ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାୟକ ସାହୁ, ମନୀଷ କାଲୋ, ସନ୍ଦୀପ ପାତ୍ର, ନିରଞ୍ଜନ ରାଉଳ, ମୀନା କୁମାରୀ ଜେନା, ଶାନ୍ତିଲତା ଲାକ୍ରା, ବିନାରାଣୀ ସୋରେନ, ଦିଲୀପ କୁମାର ମାଝୀ, ପୁଷ୍ପା କେରକେଟା, ସୁନୀତି ଧନୱାର, ନଳିନୀ କାନ୍ତ ଶାସିନୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁମିତ୍ରା ମାଝୀ ଧନ୍ୟବାଦ ଦେଇଥିଲେ। ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ



ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ. ବିଭିଷଣ ବାରିକ ଗଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ନିୟମିତ ପରିଶ୍ରମ ଓ ଶୃଙ୍ଖଳାର ମୂଲ୍ୟ ବୁଝାଇଥିଲେ। ସ୍ୱତନ୍ତ୍ର ଅତିଥି ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ କଟଙ୍ଗର ପ୍ରଧାନ ଶିକ୍ଷକ ଡ. ନିତ୍ୟାନନ୍ଦ ବେହେରା ଯୋଗଦେଇ ପରିଶ୍ରମ ଓ ଧୈର୍ଯ୍ୟ ଥିଲେ କୌଣସି ବାଧା ବଡ଼ ନୁହେଁ ବୋଲି କହିଥିଲେ। ଗୁରୁଚରଣ ମୋହେନ୍ଦ୍ର ସିଂହ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଲ୍କା ରାଣା, ଚାରୁଲତା ମହାଲିଙ୍ଗ, ଅନୁଶ୍ରୀ ଆମତ ଓ ପ୍ରଭା ସୋରେଙ୍ଗଙ୍କ ସହଯୋଗ କରିଥିଲେ। ବିଭିନ୍ନ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଉପସ୍ଥିତ ଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ନାଟକ ଆଦି ପ୍ରଦର୍ଶିତ ହୋଇଥିଲା।

# ଶାରଳା ପରିବାର ପକ୍ଷରୁ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ

**ରାଉରକେଲା, ୩।୪(ସମିସ):** ଶାରଳା ପରିବାର ପକ୍ଷରୁ ଉତ୍କଳ ଦିବସ ଓ ଓଡ଼ିଆ ନବବର୍ଷ ପାଳନ ଅବସରରେ ଆମ୍ବାଗାନସ୍ଥିତ ମୁଣ୍ଡା ମାର୍କେଟ ଠାରେ ପଲିଥିନ ବର୍ଜନ ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସହର ସେବା ବିଭାଗର ମୁଖ୍ୟ ତଥା ସିଜିଏମ୍ ପିକେ ସ୍ୱାଇଁ ମୁଖ୍ୟ ଅତିଥି ସବୁ ପଲିଥିନରେ ପ୍ୟାକିଂ କରାଯାଉଛି। ଯଦି ପଲିଥିନ୍ କାରଖାନାକୁ ବନ୍ଦ କରି ଦିଆଯାନ୍ତା ତେବେ ପଲିଥିନମୁକ୍ତ ଭାରତ ହୋଇ ପାରନ୍ତା। ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ କପଡ଼ା ବ୍ୟାଗ ବଣ୍ଟନର ଶୁଭାରମ୍ଭ କରିଥିଲେ। ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଭୋଇ, କବୀନ୍ଦ୍ର



ଭାବେ ଯୋଗ ଦେଇଥିଲେ। ଶାରଳା ପରିବାରର ସଭାପତି ପ୍ରଭାତ କିଶୋର ସ୍ୱାଇଁ କହିଥିଲେ ଯେ ପଲିଥିନର ବହୁଳ ବ୍ୟବହାର ଯୋଗୁଁ ଜନସାଧାରଣ ବ୍ୟାଗ୍‌କୁ ଭୁଲିଗଲେଣି। ଖାଦ୍ୟଠାରୁ ଔଷଧ ପର୍ଯ୍ୟନ୍ତ ସ୍ୱାଇଁ, ପ୍ରକାଶଚନ୍ଦ୍ର ପତି, ସୁଧାଂଶୁ ସୂତାର, ରାଜେଶ୍ୱର୍ ନାୟକ, କେଦାରପ୍ରସାଦ ଦାସ, ଗୌରାଙ୍ଗ ସ୍ୱାଇଁ, ନରେନ୍ଦ୍ର କୁମାର ବେହେରା, ବିଜୟ ମହାନ୍ତିଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

**ଆଞ୍ଚଳିକ ଯୁବ ସଂସଦର ବାର୍ଷିକ ଉତ୍ସବ**

# ହାସ୍ୟ ଅଭିନେତା କ୍ରିଷ୍ଣା ଓ ଗୋବିନ୍ଦାଙ୍କ ଅଭିନୟରେ ମତୁଆଲା ଦର୍ଶକ

**ବଣାଇଁ, ୩।୪(ସମିସ)**

ବଣାଇଁ ସହର ସ୍ଥିତ ରାଜା ଧରଣୀଧର ବହୁମୁଖୀ ଖେଳ ପଡ଼ିଆରେ ଆଞ୍ଚଳିକ ଯୁବ ସଂସଦର ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ରଞ୍ଜିତ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଭିନ୍ନ ମଣ୍ଡଳର ଅତିଥିମାନେ ଯୋଗଦେଇଥିଲେ। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ସ୍ୱଦୀପ କୁମାର ଟପ୍ପୋ ଓ ଉପଖଣ୍ଡ ପୁଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଶିହିଡ଼ିଆ ଯଦୁପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ କିଶୋର ଚଇନି ଉପସ୍ଥିତ ରହି ଯୁବ ସମାଜର ଭୂମିକା ଉପରେ ମତପ୍ରକାଶ କରିଥିଲେ।



କାର୍ଯ୍ୟକ୍ରମର ଆରମ୍ଭରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବନ୍ଦେ ଉତ୍କଳ ଜନନୀ ଗାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସଂସଦର ସମ୍ପାଦକ ଧର୍ମବୀର ଦାଶ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭ୍ୟ ପ୍ରଭାତ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ତିନିଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। କଳା କ୍ଷେତ୍ରରେ ମନୋଜ ବାଙ୍କ, ପ୍ରକୃତି ପ୍ରେମୀ ଭାବେ ସୁଜିତ କୁମାର ସାହୁ ଓ କ୍ରୀଡା କ୍ଷେତ୍ରରେ ମୁନି ଓରାମଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ରାଉରକେଲା, ଭୁବନେଶ୍ୱର ଓ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଶେଷ କରି ହାସ୍ୟ ଅଭିନେତା କ୍ରିଷ୍ଣା ଓ ଗୋବିନ୍ଦାଙ୍କ ଯୁଗଳ ପ୍ରଦର୍ଶନ ଦର୍ଶକଙ୍କୁ ମତୁଆଲା କରିଥିଲା। ସଂସଦର ସଭ୍ୟ ଫିରୋଜ ଖାନ, ବଳଦେବ ମହାନ୍ତି, ସତ୍ୟନାରାୟଣ ମିଶ୍ର, ବିଶ୍ୱଜିତ ବାରିକ, ସୁରଜ ପ୍ରତାପ ମହାନ୍ତି, ପରେଶ କାଲୋ, କୁନା ଭୁକ୍ତା, ଉଗ୍ରେସନ କିସାନ, ମନୋଜ ମହାନ୍ତ ଓ ରଞ୍ଜିତ ମୁଣ୍ଡା, ସୁଶାନ୍ତ ସେଠୀ, ଲିଲୁ ବହିଦାର ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ଏଆର୍‌ଏସ୍‌ଏସ୍ କାଟିଦେଲା ତାଳ ଗଛ; ପୋତିଦେଲା ନଳକୂପ

ବୌଦ୍ଧ,୩।୪(ସମିସ)

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କୁସଙ୍ଗ-ବାଣିଗୋଛା ନୂତନ ରାସ୍ତା ନିର୍ମାଣ କାମରେ ବଳି ଶତାଧିକ ତାଳ ଗଛ ସହ ପାନୀୟ ଜଳ ଉପଯୋଗୀ ନଳକୂପ ବଳି ପଡିଛି। ରାସ୍ତା କାମ ନାମରେ ଏଆରଏସଏସ ଠିକା ସଂସ୍ଥାର ଏହି କାର୍ଯ୍ୟକଳାପ ଫଳରେ ମହାଲିକପଡା ପଞ୍ଚାୟତ ଅଧୀନ ଯାବର ଗ୍ରାମରେ ପାଣି ସମସ୍ୟା ଗୁରୁତର ରୂପ ନେଇଛି। ବିଭାଗୀୟ କିମ୍ବା ଗ୍ରାମବାସୀଙ୍କ ଅନୁମତି ବିନା ଗ୍ରାମର ୨ଟି ନଳକୂପକୁ ମାଟି ତଳେ ପୋତି ଦିଆଯାଇଥିବା ଅଭିଯୋଗ ଆସିଛି।

ମହାଲିକପଡାରୁ ନୂତନ ବାଇପାସ୍ ରୋଡ଼ ତିଆରି ହେଉଛି। ଏଥିପାଇଁ ଶତାଧିକ ତାଳ ଗଛ କାଟି



ଅବଗତ କରାଇବା ସହ ଶୀଘ୍ର ଗ୍ରାମରେ ଥିବା ପାଣି ଦୂର କରିବା ନେଇ ଗ୍ରାମବାସୀଙ୍କୁ ଆଶ୍ୱାସନ ଦେଇଛନ୍ତି।



ଅନ୍ୟପଟେ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ରାସ୍ତା କାମରେ ଅନେକ ଅନିୟମିତତା ଦେଖାଯାଉଛି। ସାଧାରଣ ଲୋକଙ୍କ ଆବଶ୍ୟକତାକୁ ଅଣଦେଖା କରାଯାଉଛି। ଠିକା ସଂସ୍ଥା ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପ୍ରଶାସନକୁ ସେମାନେ ଦାବି କରିଛନ୍ତି। ନୂତନ ରାସ୍ତା ଲାଗି ଜନସାଧାରଣଙ୍କ ପକ୍ଷରୁ ବହୁ ଦିନରୁ ଦାବି ହୋଇ ଆସୁଥିଲା। ରାସ୍ତା ନିର୍ମାଣ ସ୍ୱାଗତ ଯୋଗ୍ୟ ପଦକ୍ଷେପ; ହେଲେ ସରକାର ତାଳ ଗଛ ବଂଶ ରକ୍ଷା ପାଇଁ ଚେଷ୍ଟିତ ଥିବା ବେଳେ ଶତାଧିକ ତାଳ ଗଛ କଟାକୁ ନେଇ ବୁଦ୍ଧିଜୀବୀ ଏବଂ ପରିବେଶବିତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

## ପଥିକଙ୍କ ଶୋଷ ମେଣ୍ଟାଉଥିଲା; ଏବେ ଅଚଳ

ତରଭା,୩।୪(ସମିସ): ତରଭା- ବ୍ରାହ୍ମଣୀ ରାସ୍ତା ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଛକରୁ ପ୍ରାୟ ୩୦୦ ମିଟର ଦୂର ଦେଓଗାଁ ଯିବା ରାସ୍ତା ପାଶ୍ୱର୍ରେ ଥିବା ନଳକୂପଟି ୨ବର୍ଷ ହେଲା ଅଚଳ ହୋଇପଡିଛି। ଏହି ରାସ୍ତା ଉପରେ ତରଭା, ଦେଓଗାଁ, ଲକ୍ଷ୍ମୀମୁଣ୍ଡା, ଚନ୍ଦନପାଲି, ବ୍ରାହ୍ମଣୀର ଜନସାଧାରଣ ନିର୍ଭର କରିଥାନ୍ତି। ରାସ୍ତାରେ ଯିବା ଆସିବା କରୁଥିବା ପଥିକ ଓ ଦେଓଗାଁ ଗ୍ରାମବାସୀଙ୍କ ତୃଷ୍ଣା ମେଣ୍ଟାଇବା ଉଦ୍ଦେଶ୍ୟରେ



ଏହି ନଳକୂପ ଖୋଲା ଯାଇଥିଲା। ନଳକୂପର ପାଣି ଉପରେ ଗ୍ରାମବାସୀ ଓ ପଥିକ ନିର୍ଭର କରୁଥିଲେ; ହେଲେ ୨ ବର୍ଷ ହେବ ନଳକୂପର ହ୍ୟାଣ୍ଡଲ ଖୋଲି କେହି ଦୁର୍ବୃତ୍ତ ନେଇ ଯାଇଛି। ଏହି ନଳକୂପକୁ ସଜାଡିବା ପାଇଁ ଗ୍ରାମବାସୀ ଅନେକ ଥର ଗୁହାରି କରିବା ସତ୍ତ୍ୱେ ବିଭାଗୀୟ କର୍ମଚାରୀ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି।

## ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ



ବୌଦ୍ଧ,୩।୪(ସମିସ): ବୌଦ୍ଧସ୍ଥିତ ଶ୍ରୀ ଶ୍ରୀ ଚନ୍ଦ୍ରଚୁଡ଼ ସରକାରୀ ଉନ୍ନତି ବିଦ୍ୟାଳୟରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗ୍ରାମ ବିକାଶ କେନ୍ଦ୍ର ଦ୍ୱାରା ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ ପାଳିତ ହୋଇଛି। ରମେଶ ପ୍ରସାଦ ମେହେର ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ହିମନ୍ତିନୀ ମିଶ୍ର, ଶିଶୁ ସାହିତ୍ୟିକ ସତ୍ୟଜିତ ପଣ୍ଡା, ବରିଷ୍ଠ ସାମ୍ବାଦିକ ଜ୍ଞାନେନ୍ଦ୍ର ନାରାୟଣ ରଥ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ପଦ୍ମାବତୀ ପ୍ରଧାନ, ଜ୍ୟୋତ୍ସ୍ନାମୟୀ ଶତପଥୀ, ଶିଶୁ ସେବିକା ରୀନା ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବୀରମହାରାଜପୁର,୩।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ କମିରାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ ଚାନ୍ଦଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ସିଆରସିସି ଅନାଦି ଜଗଦଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ସୁବର୍ଣ୍ଣପୁର ଜିଲ୍ଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ ରଥ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଏବିଇଓ ବଟକୃଷ୍ଣ ପାଢ଼ୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମର ବରିଷ୍ଠ ନାଗରିକ ତଥା ଶିକ୍ଷାବିତ ଧରଣୀଧର ପାଢ଼ୀ, ସ୍କୁଲ ପରିଚାଳନା କମିଟିର ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ଷଡ଼ଙ୍ଗୀ ଓ ସସ୍ମିତା ଚାନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅମରପାଲି ସ୍କୁଲର ଶିକ୍ଷକ ପ୍ରାଣବନ୍ଧୁ ସାହୁ, ସିଆରସିସି କୌସ୍ତୁଭମଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବୁବୁନ ସାହୁ ସଂଯୋଜନା କରିଥିଲେ।

## ଅଗ୍ନିକାଣ୍ଡରେ ପରିବାର ବେସାହାରା



ବୌଦ୍ଧ,୩।୪ (ସମିସ): ମଲ୍ଲିକପଡା ଅଗ୍ନି ବିପନ୍ନ ପରିବାର ପାଖରେ ପ୍ରଶାସନ କିମ୍ବା ଜରୁରୀ ସହାୟତା ପହଞ୍ଚି ପାରି ନ ଥିବା ଅଭିଯୋଗ ହୋଇଛି। ଗତ ସୋମବାର ରାତିରେ ଟିକରପଡା ପଞ୍ଚାୟତ ମଲ୍ଲିକପଡା ବେଲସାହିର କୁଶ ଛତ୍ରଙ୍କ ଘରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଭସ୍ମୀଭୂତ ହୋଇ ଯାଇଥିଲା। ବୌଦ୍ଧରୁ ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ଘରେ ଥିବା ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଖାଦ୍ୟ ଶସ୍ୟ ପୋଡି ପାଉଁଶ ହୋଇ ଯାଇଥିଲା। ଏ ସମ୍ପର୍କରେ କୁଶ ବଘିଆପଡା ରାଜସ୍ୱ ନିରୀକ୍ଷକଙ୍କୁ ଜରୁରୀ ସହାୟତା ପାଇଁ ଆବେଦନ କରିଥିଲେ ମଧ୍ୟ ପ୍ରଶାସନ ତଦନ୍ତ ହୋଇନି କିମ୍ବା ସହାୟତା ପାଇଁ କେହି ପହଞ୍ଚି ନାହାନ୍ତି। ପରିବାରର ୪ ଶିଶୁଙ୍କ ସମେତ ସମସ୍ତ ସଦସ୍ୟ ଗୋଟିଏ ଗଛ ତଳେ ଆଶ୍ରୟ ନେଇଛନ୍ତି।

## ରାସ୍ତା ଖୋଳି ଛାଡ଼ିଦେଲେ ଠିକାଦାର

ଶଗଡା,୩।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଖଟଖଟିଆରୁ ଦପଲା ପର୍ଯ୍ୟନ୍ତ ଯାଇଥିବା ରାସ୍ତା କାମ ପାଇଁ ଗୋଟିଏ ପାଶ୍ୱର୍ରେ ଖୋଳା ହୋଇଛି; ହେଲେ ଦୀର୍ଘ ଦିନ ହେବ ସେମିତି ପଡିଛି। ଠିକାଦାର ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରୁ ନାହାନ୍ତି। ଏହାଫଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଖାଲରେ ପଡି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ରାସ୍ତା ନିର୍ମାଣ ଚାଲିଥିବା ବେଳେ ସୂଚନା ଫଳକ ମଧ୍ୟ ନାହିଁ। ଏହା ଫଳରେ ଲୋକେ ଜାଣି ପାରୁ ନାହାନ୍ତି। ଏଣୁ ରାତିରେ ଖାଲରେ ପଡି ଦୁର୍ଘଟଣା ଘଟି ଅନେକ ଲୋକ ଆହତ ହେଉଛନ୍ତି।



## ରତାଖଣ୍ଡି କେନ୍ଦ୍ର କେଉଟ ସମାଜର ବାର୍ଷିକ ଉତ୍ସବ




ମନମୁଣ୍ଡକ,୩।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘିକୁଣ୍ଡି ପଞ୍ଚାୟତ ମାଁ ମେଟାକାନି କେଉଟ ସମାଜ, ରତାଖଣ୍ଡି କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସମାଜର ଶତାଧିକ ଆବାଳ-ବୃଦ୍ଧବୃଦ୍ଧା କୀର୍ତ୍ତନ, ଢୋଲ, ନିଶାନ ଇତ୍ୟାଦି ବାଦ୍ୟ ସହ ତେଲନଦୀରୁ କଳସ ଓ ଜୁଗାର ଶୋଭାଯାତ୍ରା କରି ପୂଜା ମଣ୍ଡପକୁ ଆସିଥିଲେ। ପୂଜକ ଶମ୍ଭୁ ବାଘ ମାଁ ମେଟାକାନି ଓ ବାସେଲିଙ୍କ ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା କରିଥିଲେ। ଉପସ୍ଥିତ ସମସ୍ତେ ସାମୂହିକ ଭାବେ ମାଁଙ୍କ ଭଜନ, କୀର୍ତ୍ତନ କରି ସମାଜ ଓ ଦେଶର ମଙ୍ଗଳ କାମନା କରିଥିଲେ। ପରେ କେନ୍ଦ୍ରର ସଭାପତି ଈଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କବିତା "ବିତଳକୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ' କବିତା ଗାନ ସହ ଏକ ମହାସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୋନପୁର ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ପ୍ରକାଶ ଦଣ୍ଡସେନା, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ (ଟିଆର ଡବ୍ଲୁ, ସୋନପୁର) ଈଶ୍ୱର ପ୍ରସାଦ ମୁଦୁଲି, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ସୁବର୍ଣ୍ଣପୁର ପାନମୁରା କେନ୍ଦ୍ର ସଭାପତି ଭାଗ୍ୟବନ୍ତ ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ବୌଦ୍ଧ ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ, ସୁବର୍ଣ୍ଣପୁର ଜିଲ୍ଲା ସମ୍ପାଦକ ଗିରିଧାରୀ ତରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ସମାଜରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି ଡା ଦଣ୍ଡସେନା କହିଥିଲେ। ମତ୍ସ୍ୟ ଅଧିକାରୀ ଶ୍ରୀମତୀ ମାଝୀ ସରକାରଙ୍କ ତରଫରୁ ସୁବିଧା ଓ ସହଜ ପ୍ରକାରେ ଯୋଗାଇ ଦିଆଯାଉଥିବା ସମସ୍ତ ସରକାରୀ ଯୋଜନା ଉପରେ ବୁଝାଇଥିଲେ। ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାଶିବ ନାଏକ ଧିବର, କୈବର୍ତ୍ତ ଓ କେଉଟ ଜାତିକୁ ଅନୁସୂଚିତ ଜାତି ତାଲିକାରୁ ବାଦ୍ ଦେବା ପାଇଁ କେତେକ କୁଚକ୍ରୀ ଗୋଷ୍ଠୀ ସରକାରଙ୍କ ପାଖରେ ଚାପ ସୃଷ୍ଟି କରୁଥିବାରୁ ତାହାର ଦୃଢ଼ ନିନ୍ଦା କରିଥିଲେ। ସମସ୍ତ ଧୀବର, କୈବର୍ତ୍ତ ଓ କେଉଟ ଜାତି ଏକ ହୋଇ ରହିବା ପାଇଁ ଆହ୍ୱାନ ଦେଇଥିଲେ। ଯୁଧିଷ୍ଠିର ନାଏକ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉର୍ମିଳା ବାଘ, ରମେଶ ପାଣ୍ଡେ, ସନାତନ ଲୋଇ, ତ୍ରିବିକ୍ରମ ବେହେରା, ସତ୍ୟ ବେହେରା, ଜଗଦୀଶ ପାଣ୍ଡେ, ଶ୍ୟାମ ବେହେରା, ଗଦାଧର ବେହେରା, କାର୍ତ୍ତିକ ପାଣ୍ଡେ, ସାହେବ ନାଏକ, ଜଗଦୀଶ ନାଏକ ଏବଂ ଫଗୁନୁ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଗଞ୍ଜେଇ ଭର୍ତ୍ତି କାର୍‌ରୁ ମିଳିଲା ମାଲମାଲ ନମ୍ବର ପ୍ଲେଟ୍

ଶଗଡା/ମନମୁଣ୍ଡା,୩।୪(ସମିସ): ଦିନକୁ ଦିନ ମାଫିଆ ପୁଲିସକୁ ଚକମା ଦେଇ ଅଭିନବ ଉପାୟରେ ଗଞ୍ଜେଇ ଚୋରା ଚାଲାଣ କରୁଛନ୍ତି। ଏଭଳି ଏକ ଗଞ୍ଜେଇ ଚାଲାଣ ଧରା ପଡିଛି। ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶଗଡା ଫାଣ୍ଡି ଅଞ୍ଚଳରୁ ପୁଲିସ ୫କୁଇଣ୍ଟାଲ ୭୦ କେଜି ଗଞ୍ଜେଇ ସହ ୨ଟି କାର ଜବତ କରିଛି। ମାଫିଆ ଫେରାର ମାରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମନମୁଣ୍ଡା ଥାନା ପୁଲିସ ମନୋହରପୁର ଗ୍ରାମ ନିକଟ ଜଙ୍ଗଲରେ ରାତି ଅଧିଆ ଚଢ଼ଉ କରିଥିଲା। ପୁଲିସକୁ ଦେଖି ମାଫିଆ ଘଟଣା ସ୍ଥଳରୁ ଫେରାର ମାରିଥଲେ। ୨ଟି କାର ସହ ପୁଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଜବତ ଗାଡିରୁ ୪ଟି ନମ୍ବର ପ୍ଲେଟ ମଧ୍ୟ ଜବତ ହୋଇଛି। ଏହି ଚଢ଼ଉରେ ଏସଡ଼ିପିଓ ଲରେନ ରାଉତରାୟ, ଥାନା ଅଧିକାରୀ ସସ୍ମିତା ମଗର ପ୍ରମୁଖ ସାମିଲ ଥିଲେ।




## ବୀର ନରସିଂହପୁରରେ ପାରମ୍ପରିକ ପୋଷାକ ପରିଧାନ ଦିବସ




ବୌଦ୍ଧ,୩।୪(ସମିସ): ହସ୍ତ ତନ୍ତ ଓ ବୟନ କଳା ହେଉଛି ବୁଣାକାରଙ୍କ କୌଳିକ ବୃତ୍ତି ତଥା ଜୀବନ ଜୀବିକା। ଏହି କଳାକୁ ବଞ୍ଚାଇ ରଖିବାରେ ସେମାନେ ଅକ୍ଲାନ୍ତ ପରିଶ୍ରମ କରନ୍ତି। ପିଢ଼ି ପରେ ପିଢ଼ି ଏ ଭଳି ପାରମ୍ପରିକ କଳାକୁ ବଞ୍ଚେଇ ରଖି ଆସିଛନ୍ତି। ସବୁ ବର୍ଗର ଲୋକେ ଯଦି ବୁଣାକାରଙ୍କ ବସ୍ତ୍ର ଆଗ୍ରହ ସହ ପରିଧାନ କରିବେ ତେବେ ସେମାନଙ୍କ ସାମାଜିକ ଓ ଅର୍ଥ ନୈତିକ ଅଭିବୃଦ୍ଧି ଦିଗରେ ବିଶେଷ ସହାୟକ ହୋଇ ପାରିବ। ହରଭଙ୍ଗା ବ୍ଲକ୍ ବିରନରସିଂହପୁରସ୍ଥିତ ଯାଯାବର ଗୃହରେ ଓଡ଼ିଆ ପକ୍ଷ-୨୦୨୬ ଓ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳନରେ ଏହି ମତ ପ୍ରକାଶ ପାଇଛି।

ଏହି ଅବସରରେ ଶ୍ରୀ ଲିଙ୍ଗରାଜ ତନ୍ତୁବାୟ ସହଯୋଗ ସମିତି ଦ୍ୱାରା ବୁଣାକାର ସଚେତନତା ଶିବିର ଆୟୋଜିତ ହୋଇଥିଲା। ତନ୍ତୁବାୟ ସମିତିର ବରିଷ୍ଠ ବୁଣାକାର ହୃଷିକେଶ ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୁଣାକାର ସଚେତନତା ଶିବିର ଏବଂ ପାରମ୍ପରିକ ପୋଷାକ ପରିଧାନ ଦିବସରେ ମୁଖ୍ୟ ଅତିଥି ରୂପରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗ ଦେଇଥିଲେ। ପାରମ୍ପରିକ ପୋଷାକ ପରିଧାନକୁ ଜିଲ୍ଲାପାଳ ଗୁରୁତ୍ୱ ଦେବା ସହିତ ବୁଣାକାର ନିଜ କୌଳିକ ବୃତ୍ତିକୁ ବଞ୍ଚେଇ ରଖିବା ପାଇଁ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ ନାଏକ, ସହକାରୀ ଉପ ନିବନ୍ଧକ ରଘୁନାଥ ପୁଝାରୀ, ବୟନ ତତ୍ତ୍ୱାବଧାରକ ଦେବେନ୍ଦ୍ର ଭୋଇ, ବୟନ ନିରୀକ୍ଷକ ଜିଲୁ ସାହୁ, ପ୍ରିୟଙ୍କା ଗଡ଼ନାୟକ, ବୈଷୟିକ ସହାୟକ ମିତ୍ରଭାନୁ ଭୋଇ, ଶ୍ରୀରାମ ଯାନୀ, ଅଶୋକ ମେହେର, ସୌମ୍ୟ ରଞ୍ଜନ ସାହୁ ଯୋଗ ଦେଇ ବୁଣାକାରଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। ରମେଶ ପ୍ରସାଦ ମେହେର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସମିତିର ସମ୍ପାଦକ ଲିଙ୍ଗରାଜ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷ୍ମୀପ୍ରସାଦ ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲ୍‌ର ବାର୍ଷିକୋତ୍ସବ



ଜହ୍ନାପଙ୍କ,୩।୪(ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲର ୨୮ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବୌଦ୍ଧ ବିଧାୟକ ପ୍ରତିନିଧି ତଥା କାର୍ଡର ସମ୍ପାଦକ ଧର୍ମୁଧର ପୋଢ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉତ୍ସବ ସାହୁ, ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ, ବିଦ୍ୟାଳୟର ପୂର୍ବତନ ସଭାପତି ପ୍ରମୋଦ ମେହେର, ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ, ପୂର୍ବତନ ସରପଞ୍ଚ ଭୋଳାଗିରି ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଥିଲେ। ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ବୀରେନ୍ଦ୍ର ମେହେର ସଭାପତିତ୍ୱ କରିଥିଲେ। ଶିକ୍ଷକ ଶାନ୍ତନୁ ପୁଟେଲ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳକ ନବକିଶୋର ମେହେର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ ବାଘ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ଅରବିନ୍ଦ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ତୋଷିନୀ ପ୍ରଧାନ, ସୌଦାମିନୀ ନେଗୀ, ସତ୍ୟବତୀ ଭୋକ୍ତା, ପ୍ରତିଭା ପ୍ରଧାନ, ସୁନିତ ସାହୁ, ମୋତିଲାଲ କର୍ଣ୍ଣ, ରାଜେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ତରଭା,୩।୪(ସମିସ): ସୋନପୁର ବ୍ଲକ୍ ଖାରୀ ଅମର ସିଂ ବିହାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୧୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମଞ୍ଚାସିନ ଅତିଥିମାନେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କୁନି ପିଲାଙ୍କ ନିର୍ମଳ ହୃଦୟରେ ଜ୍ଞାନ ଓ ସଂସ୍କାରର ବୀଜ ରୋପଣ କରୁଛି। ଏହି କୁନି ପିଲାମାନେ ଭବିଷ୍ୟତର ଆଲୋକ। ଏଣୁ ଜ୍ଞାନର ଆଲୋକକୁ ସର୍ବଦା ଜଳାଇ ରଖିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ସାଂସଦ ପ୍ରତିନିଧି ସାନନ୍ଦ ମେହେର, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର ଓ ମୁଖ୍ୟ ବକ୍ତା ଭାବେ ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ମାତୃଶକ୍ତି ପ୍ରମୁଖ ସରସ୍ୱତୀ ନନ୍ଦ ମଞ୍ଚାସୀନ ଥିଲେ। ସଭାପତି ରଘୁନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ହରିବୋଲ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ସମ୍ପାଦକ ସୁଦାମ ଶେଖର ଦାଶ ଅତିଥି ପରିଚୟ ଦେଇଥିବାବେଳେ କୋଷାଧ୍ୟକ୍ଷ ଆନନ ଡାଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ନୃତ୍ୟସଙ୍ଗୀତ ପରିବେଷଣ କରିଥିଲେ। ବିକ୍ରମ ସାହୁଙ୍କ ନିର୍ଦ୍ଦେଶନାରେ ବାଟିକା ବିଭାଗରେ ଦୁଷ୍ମନ୍ତ ଶକୁନ୍ତଳା, ପ୍ରାଥମିକ ବିଭାଗରେ ଭରତ୍ ମିଲନ୍ ନାଟକ, ଓଡ଼ିଶୀ, ସମ୍ବଲପୁରୀ, ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ନୂତନ ପରିଚାଳନା ସମିତିର ସମ୍ପାଦକ ଅଶୋକ ମିଶ୍ର, ଯୁଗ୍ମ ସମ୍ପାଦକ ଚକ୍ରଧର ମିଶ୍ର, ଉପ ସଭାପତି ହୃଷୀକେଶ ମେହେର, ସଦସ୍ୟା ରୀନା ଠେଲା, ଜାମିନୀ ଭୋଇ, ଉପଦେଷ୍ଟା କମିଟି ସଦସ୍ୟ ବିପିନ ବିହାରୀ ବାଘ, ନିରଞ୍ଜନ ସାହୁ, ଶିକ୍ଷା ବିକାଶ ସମିତି ସୁବର୍ଣ୍ଣପୁର ବିଭାଗ ନିରୀକ୍ଷକ ଜୟକିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



## ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନ



ଡୁଙ୍ଗୁରିପାଲି,୩।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ମାୟାବରା ପଞ୍ଚାୟତ ଉଚ୍ଚ ଦ୍ୟାଳୟର ପ୍ରଧାନଶିକ୍ଷକ ରବିଚନ୍ଦ୍ର ପସାୟତଙ୍କୁ ଆଜି ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ଅତିରିକ୍ତ ଉପ ଜିଲ୍ଲାପାଳ ଯୁଧିଷ୍ଠିର ମେହେର, ସମ୍ମାନିତ ଅତିଥି ଭାବେ ଘନଶ୍ୟାମ ମେହେର, ମୁଖ୍ୟବକ୍ତା ଭାବେ ମଦନ ସୁନ୍ଦର ଖେତି ଯୋଗ ଦେଇଥିଲେ। ଦିନବନ୍ଧୁ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁନୀଲ ପ୍ରଧାନ, ମାମିନା ଭୋଇ, ବେଦୀଶ୍ରୀ ସାହୁ ଓ ସୁତୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାଧୁଚରଣ ଖମାରି ଧନ୍ୟବାଦ ଦେଇଥିଲେ। ଏଥିରେ ବିଭିନ୍ନ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମବାସୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ବୃଦ୍ଧାଙ୍କ ପରିବାରକୁ କ୍ଷତିପୂରଣ ଦାବି

**ଲକ୍ଷେ ଘର ଗଣ୍ଡାସମାଜ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର**

ଡୁଙ୍ଗୁରିପାଲି,୩।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗମ୍ଭାରିପାଲି ଗ୍ରାମରେ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିବା ବୃଦ୍ଧାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଡୁଙ୍ଗୁରିପାଲି ବ୍ଲକ୍ ଲକ୍ଷେ ଘର ଗଣ୍ଡା ସମାଜ ଦାବି କରିଛି। ଲକ୍ଷେ ଘର ଗଣ୍ଡାସମାଜ କର୍ମକର୍ତ୍ତା ବିଡିଓଙ୍କୁ ଭେଟି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଗମ୍ଭାରିପାଲି ଗ୍ରାମର ଖାଡ଼ି ସୁନାଙ୍କ ପତ୍ନୀ ଅଞ୍ଜାନୀ ସୁନା (୬୫) କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ଟାଟା ପାୱାରର ଅବହେଳା ଓ ମନୋମୁଖି କାର୍ଯ୍ୟ ଯୋଗୁଁ ଏଭଳି ଦୁଃଖଦ ଘଟଣା ଘଟିଥିବା ଅଭିଯୋଗ କରି ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଓ ଜଣେ ସଦସ୍ୟଙ୍କୁ ଟାଟା ପାୱାର ଅଧୀନରେ ଚାକିରି ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି। ଡୁଙ୍ଗୁରିପାଲି ବ୍ଲକ୍ ଲକ୍ଷେଘର ଗଣ୍ଡା ସମାଜ ସଭାପତି ନିତେଇ ପାଲ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବାଗ, ଗୁଣନିଧି ଦୀପ, ଅନିଲ ସୁନା ଓ ଉପେନ୍ଦ୍ର କୁମାର ବିଡିଓଙ୍କୁ ଭେଟିଥିଲେ। ଏନେଇ ତୁରନ୍ତ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଲକ୍ଷେ ଘର ଗଣ୍ଡା ସମାଜ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଗ୍ୟାସ୍ ବ୍ୟବସାୟ କରିବାକୁ ଲକ୍ଷ୍ୟ ରଖିଛି କଲମପୁର ପାକ୍ସ

**କଲମପୁର, ୩।୪(ସମିସ):**କଳାହାଣ୍ଡି ଜିଲ୍ଲା କଲମପୁର କୃଷି ସେବା ସମବାୟ ସମିତି ରନ୍ଧନ ଗ୍ୟାସ୍ ବ୍ୟବସାୟ କରିବାକୁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି। ଏନେଇ ଗତ ୩୧ତାରିଖ ଦିନ ବାର୍ଷିକ ସାଧାରଣ ବୈଠକରେ ସୂଚନା ଦେଇଛନ୍ତି ପାକ୍ସ ସଭାପତି ଶଙ୍କର୍ଷଣ ବେହେରା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ର ମୋହନ ବାଗ, ସୂଚନା ଅନୁସାରେ ଲୋକଙ୍କ ସୁବିଧା ଲାଗି ପାକ୍ସ ଦୁଇ ଲକ୍ଷ ଟଙ୍କାର ଆକଳନ କରି ଅନୁମୋଦନ ଲାଗି ଉଚ୍ଚ କର୍ତ୍ତୃପକ୍ଷ ନିକଟକୁ ଚିଠି କରିଛି। ସୂଚନା ଯେ କଲମପୁର ଠାରେ ଗ୍ୟାସ୍ ବିତରଣ କେନ୍ଦ୍ର (ଏଜେନ୍ସୀ) ବ୍ୟବସ୍ଥା ନାହିଁ, ଫଳରେ ଲୋକେ ଭାରତ ଗ୍ୟାସ୍ ପାଇଁ ଜୁନାଗଡ଼ ବ୍ଲକ ମୁଣ୍ଡରାଗୁଡା ଓ ଇଣ୍ଡେନ ଗ୍ୟାସ୍ ପାଇଁ ଜୟପାଟଣା ବ୍ଲକ ଉପରେ ନିର୍ଭର କରି ଆସୁଛନ୍ତି। କେତେବେଳେ ଗ୍ୟାସ୍ ଆସୁଛି ତାହାର ନିର୍ଦ୍ଦିଷ୍ଟ ସମୟ ସୀମାନ ଥିବା ବେଳେ ଗ୍ୟାସ୍ ବୁକ କରି ଦୀର୍ଘ ଦିନ ଅପେକ୍ଷା କରିବା ପରେ ମଧ୍ୟ ସେମାନଙ୍କ ପାଖକୁ ଗ୍ୟାସ ପହଞ୍ଚି ପାରୁ ନଥିବା ଅନେକ ସମୟରେ ଅଭିଯୋଗ ହୋଇ ଆସୁଛି। ଏଥିପାଇଁ କଲମପୁରବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ଅଞ୍ଚଳବାସୀ କଲମପୁରରେ ବିତରଣ କେନ୍ଦ୍ର (ଏଜେନ୍ସୀ) ପାଇଁ ଅନେକ ସମୟରେ ଦାବି କରି ଆସୁଛନ୍ତି। ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ ହୋଇଥିବା ବେଳେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀଙ୍କ ଠାରେ ମଧ୍ୟ ଲିଖିତ ଅଭିଯୋଗ ହୋଇଛି। କେବଳ ପ୍ରତିଶ୍ରୁତିରେ ସୀମିତ ରହିଛି ଏହି ପ୍ରସଙ୍ଗ। ଲୋକଙ୍କ ସମସ୍ୟାକୁ ହୃଦୟଙ୍ଗମ କରି କଲମପୁର ପାକ୍ସ ଏହି ବିଷୟକୁ ବିଚାରକୁ ନେଇଛି।

**ଉଚ୍ଚ କର୍ତ୍ତୃପକ୍ଷକୁ ଚିଠି**

# ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିଲା କାର୍



**କେସିଙ୍ଗା, ୩।୪(ସମିସ):** କେସିଙ୍ଗାରୁ ଯୋଲକୋ ଛକଦେଇ କାଣ୍ଡେଲ ଯିବା ରାସ୍ତାରେ ଲାଇତରା ଗ୍ରାମରେ ଶେଷ ମୁଣ୍ଡରେ ଏକ କାର ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଯାଇଥିଲା।ସୂଚନା ଅନୁଯାୟୀ ଜୟପାଟଣାରୁ ୫ ଜଣ ଲୋକ କିଛି କାମରେ ଯାଉଥିବା ବେଳେ କାର୍ ରାସ୍ତା ତଳକୁ ଖସି ଯାଇ ରାସ୍ତା କଡ଼ରେ ଥିବା ଗଛ ରେ ଲାଗିଥିଲା। ଗାଡ଼ି ଭିତରେ ବସିଥିବା ୫ ଜଣ ଲୋକ ଅଳ୍ପକେ ବର୍ତ୍ତି ଯାଇଥିଲେ।ଯଦି ଗଛ ନ ଥିଲେ ଗାଡ଼ି ପ୍ରାୟ ୧୫ ଫୁଟ ତଳକୁ ଖସି ଯାଇଥାନ୍ତା।ପରେ କିଛି ଗ୍ରାମବାସୀଙ୍କ ସହଯୋଗରେ ଗାଡ଼ିକୁ ରାସ୍ତା ଉପରକୁ ଅଣାଯାଇଥିଲା।

# କୁଳତା ଦିବସ ପାଳିତ

**ଭବାନୀପାଟଣା, ୩।୪ (ସମିସ):** ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ କୃଷିଜୀବୀ ସମ୍ପ୍ରଦାୟ କୁଳତା ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଐକ୍ୟ, ସଂସ୍କୃତି ଓ ପରମ୍ପରାକୁ ଆହୁରି ମଜବୁତ କରିବା ଲକ୍ଷ୍ୟରେ ଶୁକ୍ରବାର ଭବାନୀପାଟଣା ଟାଉନ୍ ହଲ୍‌ରେ କୁଳତା ଦିବସ ପାଳିତ ହୋଇଯାଇଛି।କୁଳତା ପରିବାର ସଂଘ, ଭବାନୀପାଟଣା ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ, ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃଷ୍ଣଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ୨୪ତମ ମହାସଭା କାର୍ଯ୍ୟକାରୀ ସଭାପତି ବେଲାଳସେନ ଭୋଇ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡା.ପଲଉ ପ୍ରଧାନ, ଉପାଧ୍ୟକ୍ଷ, ଆଦର୍ଶ ବିଦ୍ୟାଳୟ, ଭବାନୀପାଟଣା ଶ୍ରୀମତୀ ରାଜଶ୍ରୀ ନାୟକ, ମୁଖ୍ୟ ସଂଯୋଜକ, ଆୟୋଜକ କମିଟି ଅଶ୍ୱିନ ପାତ୍ର, ରାଜ୍ୟ ଯୁବଶକ୍ତି ସଂଗଠନ ସମ୍ପାଦକ, ବଲାଙ୍ଗିର ପ୍ରେମାନନ୍ଦ ସାହୁ ଏବଂ କୁଳତା ସଂସ୍କୃତି ଓ ଇତିହାସର ଗବେଷକ, ଲେଖକ ଓ ବକ୍ତା କନିଷ୍ଠ କିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କୁଳତା ସମ୍ପ୍ରଦାୟ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ କୃଷିଜୀବୀ ଜାତି ଭାବେ ପରିଚିତ। ଏହି ଦିବସ ପାଳନ ସମ୍ପ୍ରଦାୟର ଯୁବପିଢ଼ୀଙ୍କୁ ନିଜର ଇତିହାସ ଓ ସଂସ୍କୃତି ପ୍ରତି ସଚେତନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଅତିଥିଗଣ ପ୍ରକାଶ କରିଥିଲେ। ସହରୀୟ କୁଳତା ସଂସ୍କୃତି ଓ ଇତିହାସର ଗବେଷକ ଦିଲ୍ଲୀପ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବେଦବ୍ୟାସ ପଧାନ ସଭା ପରିଚାଳନା କରିଥିବା ବେଳେ ସୁରେନ୍ଦ୍ର ପଧାନ, ଜୟନ୍ତ ପଧାନ, ଧନଞ୍ଜୟ ଭୋଇ, ନବୀନ ସା, ବିନୋଦ ସା, ଶଶାଙ୍କ ଭୋଇ, ଦୁଷ୍ମନ୍ତ ପଧାନ, ଅନିଲ ପାତ୍ର, ଗଣେଶ ବୁଢ଼ିଆ ପ୍ରମୁଖ ସହଯୋଗ କରିଥିଲେ।



## ସିଂଘାରିଘାଟି ରାସ୍ତା ନିର୍ମାଣ କାମରେ ବିଳମ୍ବ

# ଫରେଷ୍ଟ କ୍ଲିୟରାନ୍ସ ସତ୍ତ୍ୱେ ସରିପାରୁନି ଆକଳନ

**କଲମପୁର, ୩।୪(ସମିସ)**

କଲମପୁର ଓ ଥୁଆମୂଳରାମପୁର ବ୍ଲକ ସହିତ ସଂଯୋଗ କରୁଥିବା ଏକମାତ୍ର ନିର୍ଭରଯୋଗ୍ୟ ରାସ୍ତା ନିର୍ମାଣ ପାଇଁ ଦୀର୍ଘ ଦିନର ପ୍ରତୀକ୍ଷା ପରେ ସରକାର ପ୍ରାୟ ୬୨କୋଟି ଟଙ୍କା ଯୋଗାଇ ଦେବା ସହିତ ଫରେଷ୍ଟ କ୍ଲିୟରାନ୍ସ ମଧ୍ୟ ଯୋଗାଇ ଦେଇଛନ୍ତି। ଏହି ଫରେଷ୍ଟ କ୍ଲିୟରାନ୍ସ ପତ୍ର ଦୁଇ ମାସ ହେଲା ଥୁଆମୂଳରାମପୁର ଦକ୍ଷିଣ ବନଖଣ୍ଡ ରେଞ୍ଜରଙ୍କ ପାଖକୁ ଆସି ସାରିଛି, ବନ ବିଭାଗ ଆକଳନ କରି ରିପୋର୍ଟ ଦାଖଲ କରିବା ପରେ ସିଂଘାରି ଘାଟି ରାସ୍ତା କାମ ଆରମ୍ଭ ହେବ, ହେଲେ ଦୁଇମାସ ବିତି ଗଲାଣି ତଥାପି ବନ ବିଭାଗ ଆକଳନ କାମ ସାରି ପାରୁନାହିଁ। ଫଳରେ ନିର୍ମାଣ କାମ ଆଗେଇ ପାରୁନାହିଁ। ଏନେଇ ଥୁଆମୂଳ ରାମପୁର ଦକ୍ଷିଣ ବନଖଣ୍ଡ ରେଞ୍ଜ ଅଧିକାରୀ ତ୍ରିନାଥ ସେଠୀ ଆଉ ମାସେ ସମୟ ଲାଗିବ ବୋଲି କହିଛନ୍ତି। ମରଣଯନ୍ତା ପାଲଟିଥିବା ଏହି ରାସ୍ତା ନିର୍ମାଣ ପାଇଁ ଏତେ ଅବହେଳା କଣ ପାଇ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜନସାଧାରଣ ଦାବି କରିଛନ୍ତି। ପ୍ରକାଶ ଯେ କଲମପୁର ଓ ଥୁଆମୂଳରାମପୁର ବ୍ଲକ ପାଇଁ ଏହି ରାସ୍ତା ଏବେ ପ୍ରମୁଖ ଭୂମିକା ନିର୍ବାହ କରି ଆସୁଛି। ଗତବର୍ଷ ମାଁ ମାଣିକେଶ୍ୱରୀଙ୍କ ଦଶହରା ପୂଜା ପୂର୍ବରୁ ଏହି ରାସ୍ତା ମରାମତି ଲାଗି ସରକାର ଦୁଇକୋଟି ଟଙ୍କା ଯୋଗାଇ ଦେବା ସହିତ ପୂଜା ପୂର୍ବରୁ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ।କିନ୍ତୁ କାମ ନେଇଥିବା ଠିକାଦାର କାମ କରି ପାରିଲେ ନାହିଁ, ଏଥିପାଇଁ ଲୋକେ ଜୀବନକୁ ବାଜି ଲଗାଇ ବିପଦସଂକୁଳ ରାସ୍ତାରେ ମା'ଙ୍କ ଦର୍ଶନ କରିବାକୁ ଗଲେ। ଏହାପରେ ସେହି ଟଙ୍କାକୁ କିଛି ରାଜନୈତିକଙ୍କ ଛତ୍ରଛାୟା ତଳେ ରହିଥିବା ଲୋକମାନଙ୍କ ମଧ୍ୟରେ ଭାଗବଣ୍ଟା କରିଦେଲେ। ସେହିମାନେ ମଧ୍ୟ କାମ କରି ପାରିଲେ ନାହିଁ, ଏହିଭଳି ଭାବେ ନିର୍ମାଣ କାମ ଝୁଲି ଚାଲିଥିବା ବେଳେ ଲୋକେ ଶୋଚନୀୟ ରାସ୍ତାରେ ଯିବା ଆସିବାକୁ ବାଧ୍ୟ ହୋଇ ଆସୁଛନ୍ତି। ଏନେଇ ବାରମ୍ବାର ଖବର ପ୍ରସାରଣ ହୋଇ ଆସୁଥିଲା, ଶେଷରେ ସରକାର ଟଙ୍କା ଯୋଗାଇ ଦେଲେ ସିନା କାମ କିଭଳି ତ୍ୱରାନ୍ୱିତ ହେବା ଦିଗରେ ଆନ୍ତରିକତା ପରିଲକ୍ଷିତ ହେଉନାହିଁ। ସୂଚନା ଯେ ଜୁନାଗଡ଼ ୨୬ନମ୍ବର ରାଜପଥ ଠାରୁ ଏହି ରାସ୍ତା ବାହାରି ଦାସିଗାଁ ଭାୟା କଲମପୁର ଠାରୁ ସିଂଘାରିଘାଟି ଦେଇ ଥୁଆମୂଳରାମପୁର ଠାରେ ପହଞ୍ଚିଛି। ଏହା ପୂର୍ତ୍ତ (ପିଡ୍ଲ୍ୟୁଡି) ବିଭାଗ ଅଧିନରେ ରହିଥିବା ବେଳେ କଲମପୁର ଠାରେ ସମ୍ପୃକ୍ତ ବିଭାଗର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି। ସେଠାରେ ଅବସ୍ଥାପିତ ସହକାରୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ନ ହେବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

# ସାପ କାମୁଡ଼ାରେ ଯୁବକ ଗୁରୁତର

**କୋକସରା, ୩।୪(ସମିସ):** ଇଟାଭାଟିରେ କାମ କରୁଥିବା ସମୟରେ ବିଷାକ୍ତ ସାପ କାମୁଡିବାରୁ କୋକସରା ବ୍ଲକ କାଉଡୋଲା ପଞ୍ଚାୟତ କୁସମଖୁଣ୍ଟି ଗ୍ରାମର ରଜନୀ ପାଣିଗ୍ରାହୀ (୪୫) ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ପ୍ରଥମେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ରଞ୍ଜନୀଙ୍କୁ ଅଧିକ ଚିକିତ୍ସା ଲାଗି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇ ଦିଆଯାଇଥିବା ଜଣାପଡ଼ିଛି।

# କବି ବୈଷ୍ଣବ ମେହେର ସମ୍ବର୍ଦ୍ଧିତ

**ସିନାପାଲି, ୩।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳର ଗର୍ବ ଓ ଗୌରବ ହେଉଛନ୍ତି ବୈଷ୍ଣବ ମେହେର। ଶ୍ରୀ ମେହେର ଏକାଧାରରେ ଲେଖକ, କବୀ, ସାମ୍ବାଦିକ, ଗାଳ୍ପିକ ଓ ପ୍ରାବନ୍ଧିକ ସହିତ ସ୍ତମ୍ଭକାର ସହ ଓଡିଆ ଭାଷା ସାହିତ୍ୟର ଜାଗ୍ରତ ପ୍ରହରୀ ଭାବରେ ସାରସ୍ୱତ ସାଧନାରେ ମନୋନିବେଶ କରି ଅନେକ କାବ୍ୟ କବିତା, ପ୍ରବନ୍ଧ, କ୍ଷୁଦ୍ର ଗଳ୍ପ ସାଙ୍ଗକୁ ବିଭିନ୍ନ ଖବର କାଗଜରେ ପୃଷ୍ଠା ମଣ୍ଡନ କରୁଥିବା ସ୍ତମ୍ଭ ଲେଖା ତାଙ୍କର କଲମ ମୁନରେ ପ୍ରସ୍ଫୁଟିତ ହୋଇଥାଏ। ଲେଖା ଗୁଡିକ ସମାଜ ପାଇଁ ଦର୍ପଣ ସଦୃଶ୍ୟ ହୋଇ ଜୀବନ୍ତ ପାଲଟିଛି। ଶ୍ରୀ ମେହେରଙ୍କୁ ନୂଆପଡ଼ା ଜିଲ୍ଲାସ୍ତରୀୟ ମାରାଗୁଡା ଲୋକମହୋତ୍ସବରେ ଜିଲ୍ଲା ପ୍ରଶାସନ ତରଫରୁ ସାରସ୍ୱତ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ, ନୂଆପଡ଼ା ବିଧାୟକ ଜୟ ଢୋଲକିଆ ସମେତ ଅନେକ ବରିଷ୍ଠ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ରହି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।



# ପର୍ଶୁରାମ ଜୟନ୍ତୀ ଲାଗି ପ୍ରସ୍ତୁତି

**କୋକସରା, ୩।୪(ସମିସ) :** କୋକସରା ବ୍ଲକ ଆମପାଣି ସ୍ଥିତ ସତସଙ୍ଗ ବିହାର ଠାରେ ପର୍ଶୁରାମ ଜୟନ୍ତୀ ପାଳନ ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କୋକସରା ବ୍ଲକ ବ୍ରାହ୍ମଣ ସମାଜର ସଭାପତି ଶ୍ରୀମନ୍ତ ପାଢ଼ୀ ସଭାପତିତ୍ୱ କରିଥିଲେ। ବ୍ଲକ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ଆସନ୍ତା୧୯ ତାରିଖରେ ଆମପାଣି ଠାରେ ବ୍ଲକସ୍ତରୀୟ ପର୍ଶୁରାମ ଜୟନ୍ତୀ ପାଳନ ପାଇଁ ସ୍ଥିରୀକୃତ କରାଯିବା ସହିତ ରୂପରେଖ ପ୍ରସ୍ତୁତ କରିଥିଲେ। ଏହି ଅବସରରେ କୋକସରା ବ୍ଲକ ପର୍ଶୁରାମ ସେନାର ସାଧାରଣ ସମ୍ପାଦକ ଈଶ୍ୱରୀ ପ୍ରସାଦ ଅଗସ୍ତି, ଅମିତ କୁମାର ପଣ୍ଡା, ସ୍ୱପ୍ନେନ୍ଦୁ କୁମାର ମୁଣ୍ଡ, ଭାରତ ଭୂଷଣ ଠାକୁର, ସୁରେଶ ଶର୍ମା, ରାଜୁ ଶର୍ମା, ଶ୍ରବଣ କୁମାର ପାଢ଼ୀ, ଶଶାଙ୍କମୌଳି ପାଢ଼ୀ, ଧନଞ୍ଜୟ ମୁଣ୍ଡ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଆମପାଣି ଆଞ୍ଚଳିକ ବ୍ରାହ୍ମଣ ସମାଜର ସଭାପତି ଜିତେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ।



# ନାମଯଜ୍ଞରେ ସରବତ ବଣ୍ଟନ

**କେସିଙ୍ଗା, ୩।୪(ସମିସ):** ଖରା ଧୀରେ ଧୀରେ ପ୍ରଖର କରିବାରେ ଲାଗିଛି କିଛି ଅଞ୍ଚଳରେ ପାରା ୪୦ ଡିଗ୍ରୀ ପାର ହୋଇ ସାରିଥିବା ବେଳେ କିଛି ଅଞ୍ଚଳରେ ପାରଦ ୪୦ ହେଲାଣି। ଏହାକୁ ଦୃଷ୍ଟିରେ ରଖି କେସିଙ୍ଗା ଆଖ ପାଖ ଅଞ୍ଚଳରେ ହେଉଥିବା ନାମଯଜ୍ଞରେ କେସିଙ୍ଗାର ସେବା ସଂସ୍ଥା ପ୍ରତ୍ୟେକ ନାମଯଜ୍ଞ ସ୍ଥାନରେ ଥଣ୍ଡା ପାନୀୟ ସହିତ ସରବତ ବଣ୍ଟନ କରି ସହରରେ ଚର୍ଚ୍ଚାରେ ଆସିଛନ୍ତି। ସଂସ୍ଥାରେ ଆନୁମାନିକ ୧୦୦ ସଭ୍ୟ ଥିବା ବେଳେ ନିଜ ନିଜ ଭିତରେ ଚାନ୍ଦା ଆଦାୟ କରି ଲୋକଙ୍କୁ ଖରାରୁ ରକ୍ଷା କରିବା ପାଇଁ ସରବତ ବଣ୍ଟନ କରୁଥିବା ସଂସ୍ଥାର ଅନ୍ୟତମ ପ୍ରମୁଖ ସଭ୍ୟ ଅର୍ଜୁନ ସାହୁ ପ୍ରକାଶ କରିବା ସହିତ ଆଗକୁ ମଧ୍ୟ ଏମିତି ମହତ କାର୍ଯ୍ୟ ଜାରି ରଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ।



# ୧୯ ରେ ପର୍ଶୁରାମ ଜୟନ୍ତୀ

**ଭବାନୀପାଟଣା, ୩।୪(ସମିସ):** ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଆସନ୍ତା୧୯ ତାରିଖରେ ଭବାନୀପାଟଣାରେ ଜିଲ୍ଲାସ୍ତରୀୟ ପର୍ଶୁରାମ ଜୟନ୍ତୀ ପାଳନ ନେଇ ହୋଟେଲ ଭାଗିରଥୀ ଇନ୍ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ ଜିଲ୍ଲା ଉପସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ସଂଗଠନ ସମ୍ପାଦକ ଭବେନ୍ଦ୍ର କୁମାର ପଣ୍ଡା, ଉପସଭାପତି ବିନୋଦ କୁମାର ଶର୍ମା, ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା, ପର୍ଶୁରାମ ସେନା ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ଠାକୁର, ପ୍ରଜ୍ଞା ବାହିନୀ ଜିଲ୍ଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ, ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ, ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ଖମାରୀ, ପ୍ରଭାସ ଚନ୍ଦ୍ର ମିଶ୍ର ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ଷ୍ଟାଚ୍ୟୁ ଛକ ନିକଟସ୍ଥ ମ୍ୟାରେଜ୍ ପ୍ୟାଲେସରେ ଚଳିତ ବର୍ଷ ପର୍ଶୁରାମ ଜୟନ୍ତୀ ଆୟୋଜନ ଲାଗି ବୈଠକରେ ସ୍ଥିର କରାଯାଇଥିଲା। ୧୯ ତାରିଖ ଅପରାହ୍ଣରେ ପର୍ଶୁରାମଙ୍କ ପୂଜାର୍ଚ୍ଚନା ଓ ଘୃତଯଜ୍ଞ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଯଜ୍ଞସ୍ଥଳରୁ ଭବ୍ୟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଉତ୍ସବ ସ୍ଥଳକୁ ପ୍ରତ୍ୟାବର୍ତ୍ତନ କରିବ। ତାପରେ ସାଧାରଣ ସଭା, ସମ୍ବର୍ଦ୍ଧନା ଓ ଅନ୍ନ ପ୍ରସାଦ ସେବନ କାର୍ଯ୍ୟକ୍ରମ ହେବ। ପ୍ରସ୍ତୁତି ବୈଠକ ଅବସରରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ରାଜ୍ୟ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ଉମେଶ ଚନ୍ଦ୍ର ପଣ୍ଡା ଓ କଳାହାଣ୍ଡି ଓକିଲ ସଂଘର ନବ ନିର୍ବାଚିତ ସଭାପତି ସନ୍ତୋଷ କୁମାର ପଣ୍ଡା ଓ ସମ୍ପାଦକ ନିହାର ରଞ୍ଜନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପର୍ଶୁରାମ ଜୟନ୍ତୀ ଉତ୍ସବର ସୁପରିଚାଳନା ଲାଗି ୬ଟି କମିଟି ଗଠନ କରାଯାଇ ଥିବା ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ସୂଚନା ଦେଇଛନ୍ତି।



# ରାଜସ୍ୱ ଆଦାୟ ପାଇଁ ଉତ୍ତରାଞ୍ଚଳ ମଣ୍ଡଳ ଆୟୁକ୍ତଙ୍କ ପ୍ରଶଂସା

**ନୂଆପଡ଼ା, ୩।୪(ସମିସ):** ଉତ୍ତରାଞ୍ଚଳ ରାଜସ୍ୱ ମଣ୍ଡଳ ଆୟୁକ୍ତ ସମ୍ବଲପୁର ସଂଗ୍ରାମ କେଶରୀ ମହାପାତ୍ରଙ୍କ ନୂଆପଡ଼ା ଗସ୍ତ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ମହାପାତ୍ର ଚଳିତ 'ମାରାଗୁଡା ଲୋକମହୋତ୍ସବ୨୦୨୬'ର ମୁଖ୍ୟ ଅତିଥି ଭାବେ ଯୋଗଦେବା ଅବସରରେ ବୈଠକ ଆୟୋଜିତ ହୋଇଥିଲା।ବୈଠକର ଅଧ୍ୟକ୍ଷତା କରି ସେ ମାସିକ ରାଜସ୍ୱ ବୈଠକର ବିବରଣୀ ଓଡ଼ିଆ ଭାଷାରେ ପ୍ରସ୍ତୁତ ହେଉଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ରାଜସ୍ୱ ଆଦାୟ କ୍ଷେତ୍ରରେ ତହସିଲଦାରମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ପାଞ୍ଚଟି ବ୍ଲକରେ ମୋଟ ଦାବି ରାଶି ୧, ୬୮, ୧୬, ୯୯୫ ଟଙ୍କା ଥିବାବେଳେ ୩୧.୦୩.୨୦୨୬ ପର୍ଯ୍ୟନ୍ତ ମୋଟ ଆଦାୟ ୨, ୫୮, ୨୬, ୦୩୬ ଟଙ୍କା ହୋଇ ୧୫୩ ପ୍ରତିଶତ ସଫଳତା ହାସଲ କରାଯାଇଥିବା ସୂଚନା ମିଳିଛି। ରାଜସ୍ୱ ମାମଲା ସମାଧାନ ସମ୍ପର୍କରେ ସମୀକ୍ଷାରୁ ଜଣାପଡ଼ିଥିଲା ଯେ ମୋଟ ୩୯, ୧୪୩ ଟି ମାମଲା ନିଷ୍ପତ୍ତି ପାଇଁ ଗ୍ରହଣ କରାଯାଇଥିବା ବେଳେ ୩୩, ୯୩୬ଟି ମାମଲାର ସମାଧାନ କରାଯାଇ ୮୬.୭୦ ଶତାଂଶ ସଫଳତା ହାସଲ କରାଯାଇଛି। ଅବଶିଷ୍ଟ ୫, ୨୦୭ ଟି ମାମଲା ନିଷ୍ପତ୍ତି ପାଇଁ ରହିଛି। ବିଭିନ୍ନ ଶ୍ରେଣୀରେ ଓପିଏଲଇ (ରୁରାଲ), ଓଜିଏଲଏସ, ମ୍ୟୁଟେସନ, ଓଏଲଆର, ବେବନ୍ଦୋବସ୍ତ ଓ ଅଲିଏନେସନ ମାମଲାରେ ସନ୍ତୋଷଜନକ ଅଗ୍ରଗତି ହୋଇଛି। ଏହାସହିତ ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ ଫିସ ଆଦାୟ ସମ୍ପର୍କରେ ସମୀକ୍ଷାରୁ ଜଣାପଡ଼ିଥିଲା ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ଲକ୍ଷ୍ୟ ୭.୪୮ କୋଟି ଟଙ୍କା ସ୍ଥଳେ ୮.୬୫ କୋଟି ଟଙ୍କା ଆଦାୟ ହୋଇ ୧୧୫.୬୫ ଶତାଂଶ ସଫଳତା ହାସଲ କରାଯାଇଛି। ଷ୍ଟାମ୍ପ ଶୁଳ୍କରେ ୬.୦୧ କୋଟି ଓ ରେଜିଷ୍ଟ୍ରେସନ ଫିସରେ ୨.୬୩ କୋଟି ଟଙ୍କା ଆଦାୟ ହୋଇଛି। ଏହା ସହିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ନୂଆପଡ଼ାର ରାଜସ୍ୱ ଆଦାୟ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ଫେବୃଆରୀ ୨୦୨୬ ମାସରେ ୧.୫୫ କୋଟି ଟଙ୍କା ଲକ୍ଷ୍ୟରୁ ୧.୫୪ କୋଟି ଟଙ୍କା ଆଦାୟ ହୋଇ ୯୮ ଶତାଂଶ ସଫଳତା ହାସଲ କରାଯାଇଛି। ସମଗ୍ର ଅବଧିରେ ୧୩.୮୮ କୋଟି ଟଙ୍କା ଆଦାୟ ହୋଇଥିବା ସହ ପୂର୍ବବର୍ଷ ତୁଳନାରେ ୧୪.୪୦ ପ୍ରତିଶତ ବୃଦ୍ଧି ଦେଖାଯାଇଛି। ବୈଠକରେ ଜିଲ୍ଲା ପ୍ରଶାସନ ଦ୍ୱାରା ଗୃହୀତ କିଛି ଉତ୍ତମ ପ୍ରୟାସ ଯଥା 'ଗାଁରେ ରାଜସ୍ୱ ପ୍ରଶାସନ', 'ପରିବର୍ତ୍ତିତ ଜନ ଶୁଣାଣି', 'ପ୍ରାଣୀ ପାଇଁ ଦିନଟିଏ' ଏବଂ 'ଝିଅ ପାଇଁ ଗଛଟିଏ' ବିଷୟରେ ଆରଡିସିଙ୍କୁ ଅବଗତ କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଡେପୁଟି କଲେକ୍ଟର ସୁଶ୍ରୀ ସୁଚିସ୍ମିତା ମହାନ୍ତିଙ୍କ ସହିତ ସମସ୍ତ ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ■ ଗଣ୍ଡାବାହାଲି ରାସ୍ତା ଜବରଦଖଲ ଉଚ୍ଛେଦରେ ପାତରଅନ୍ତର

# ତହସିଲଦାରଙ୍କ ବଦଳି ଦାବି କଲେ ଗ୍ରାମବାସୀ

**ସିନାପାଲି, ୩।୪ (ସମିସ)**

ସିନାପାଲି ଖଡିଆଳ ମୁଖ୍ୟରାସ୍ତା ନିର୍ମାଣ ଓ ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ଗଣ୍ଡାବାହାଲି ଠାରେ ଗତ ୬ ତାରିଖ ଦିନ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ପାତରଅନ୍ତର କରାଯାଇଥିବା ନେଇ ଜନଅସନ୍ତୋଷ ଦେଖାଦେଇଛି। ଗରିବ, ଅସହାୟ ତଥା ନିରାହଲୋକଙ୍କ ଘର ଭାଙ୍ଗି ଉଚ୍ଛେଦ କରାଯାଇ ଥିବା ବେଳେ ବଡ଼ବଡ଼ିଆ ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କ ଘର ଉଚ୍ଛେଦ କରାଯାଇ ନାହିଁ। ଏଥିରେ ରାଜସ୍ୱ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ଲୋକେ ଉଦ୍‌ବେଗ ପ୍ରକାଶ କରିବା ସହ ସିନାପାଲି ତହସିଲଦାରଙ୍କ ଅନ୍ୟତ୍ର ବଦଳି ଦାବି କରିଛନ୍ତି। ଏନେଇ ଗ୍ରାମବାସୀ ସାମ୍ବାଦିକ ସମ୍ମିଳନୀ ଡ଼କାଇ ସବିଶେଷ ତଥ୍ୟ ପ୍ରକାଶ କରିବା ସହ ଅଧିକାରୀଙ୍କ ପାତରଅନ୍ତର ନୀତିକୁ ନେଇ ପ୍ରଶାସନ ଉପରେ ବର୍ଷିଥିଲେ। ପ୍ରକାଶ ଯୋଗ୍ୟ ଯେ ଗଣ୍ଡାବାହାଲି ଠାରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ବିବାଦୀୟ ହୋଇ ଅଟକି ରହିଥିଲା। ସେନେଇ ଗ୍ରାମବାସୀ ବାରମ୍ବାର ବ୍ଲକ ତଥା ଜିଲ୍ଲା ପ୍ରଶାସନକୁ ଜବରଦଖଲ ଉଚ୍ଛେଦ କରିବାକୁ ଅଭିଯୋଗ କରିଥିଲେ। ହେଲେ ଗତ କିଛିଦିନ ତଳେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଶାସନ ଜେସିବି ଲଗାଇ ନାମକୁମାତ୍ର କିଛି ଲୋକଙ୍କ ଘର ଭାଙ୍ଗିଥିବା ବେଳେ ବଡବଡିଆ ଲୋକଙ୍କ ଘରକୁ ଛାଡିଦେଇ ଛୋଟମୋଟ ଲୋକଙ୍କ ଘରକୁ ଭାଙ୍ଗିଥିଲା। ଅନ୍ୟପକ୍ଷରେ ରାସ୍ତା ଓ ଡ୍ରେନ ସକାଶେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ପ୍ରଶାସନ ପାତରଅନ୍ତର କରିଥିବା ବେଳେ ରାଜସ୍ୱ ବିଭାଗୀୟ ଅଧିକାରୀ ଚଞ୍ଚକତା କରି ବଡ଼ବଡିଆ ତଥା ପ୍ରଭାବଶାଳୀଙ୍କ ଘରକୁ ନଭାଙ୍ଗି ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି ଗ୍ରାମବାସୀ ନୂଆପଡ଼ା ଜିଲ୍ଲାପାଳଙ୍କୁ ଗଣ୍ଡାବାହାଲି ଠାରେ ଜବରଦଖଲ ଉଚ୍ଛେଦ କରିବାକୁ ଲିଖିତ ଦାବି କରି ରାସ୍ତାରୋକ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ପ୍ରଶାସନିକ ଟିମ ଗଣ୍ଡାବାହାଲି ରେ ପହଞ୍ଚି ଗ୍ରାମବାସୀ ସହ ଆଲୋଚନା କରି ଜବରଦଖଲ ଉଚ୍ଛେଦ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ପରେ ପ୍ରଶାସନ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲା। ଏହି ଉଚ୍ଛେଦ ସମୟରେ ବ୍ଲକ ତଥା ଜିଲ୍ଲା ଅଧିକାରୀ ଓ ପୁଲିସ ପ୍ରଶାସନ ଉପସ୍ଥିତ ରହିଥିଲା। କିନ୍ତୁ ଦିର୍ଘ ସମୟର ଉଚ୍ଛେଦ ପରେ କିଛି ବଡ଼ବଡିଆ ଲୋକେ ପ୍ରଶାସନିକ ଅଧିକାରୀ କର୍ମଚାରୀଙ୍କ ସହ ସଲାସୁତୁରା କରିଥିବା ବେଳେ ଉଚ୍ଛେଦ ପ୍ରକ୍ରିୟାକୁ ଅଧିକାରୀମାନେ ଛାଡିଦେଇ ଫେରି ଯାଇଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ସମସ୍ତ ଙ୍କ ପାଇଁ ସମାନ ନିୟମ ରହିଥିବା ବେଳେ ଛୋଟମୋଟ ଲୋକଙ୍କ ଘରକୁ ଭାଙ୍ଗି ବଡ଼ବଡ଼ିଆ ଲୋକଙ୍କ ଘରକୁ ଛାଡି ଦେଇଥିବା ନେଇ ଗ୍ରାମବାସୀ ପ୍ରଶାସନ ଉପରେ ସନ୍ଦେହ କରୁଛନ୍ତି। ଗ୍ରାମବାସୀ ସିଧାସଳଖ ଭାବେ ରାଜସ୍ୱ ବିଭାଗ ଉପରେ ଅଙ୍ଗୁଳି ଦେଖାଉଥିବା ବେଳେ ତାଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ କରି ତହସିଲଦାରଙ୍କ ଅନ୍ୟତ୍ର ବଦଳି ଦାବି କରିଛନ୍ତି। ସୂଚନା ଅନୁସାରେ ଏଠାରେ ୪୧ ଜଣଙ୍କ ଘର ଭାଙ୍ଗିବାକୁ ପ୍ରଶାସନ ଚିହ୍ନଟ କରିଥିବା ସୂଚନା ମିଳିଛି। କିନ୍ତୁ ପ୍ରଶାସନର କିଛି ଅଧିକାରୀ କର୍ମଚାରୀ ଉଚ୍ଛେଦ ପ୍ରକ୍ରିୟାରେ ଦୋମୁହାଁ ନିତି ଅବଲମ୍ବନ କରୁଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଜିଲ୍ଲାପାଳ ତୁରନ୍ତ ଦୃଷ୍ଟିଦେଇ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ଆରମ୍ଭ କରିବା ସହ ପ୍ରଶାସନ ଚିହ୍ନଟ କରିଥିବା ସମସ୍ତ ଘର ଉଚ୍ଛେଦ କରିବାକୁ ଦାବି କରିବା ସହ ସିନାପାଲି ତହସିଲଦାରଙ୍କ ବଦଳି ଦାବି କରିଛନ୍ତି। ପର୍ଶୁରାମ ମେହେର, ଟଙ୍କଧର ମେହେର, କ୍ଷିରସିନ୍ଧୁ ମେହେର, ବିପିନ ବିହାରି ମେହେର, ଲଛିନ୍ଦ୍ର ମେହେର, କମଲ ମେହେର, ଲକ୍ଷ୍ମଣ ମେହେର, ବୈବସ୍ୱତ ମେହେର ସମେତ ଗ୍ରାମବାସୀ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ କରିବା ସହ ତହସିଲଦାରଙ୍କ ବଦଳି ଦାବି କରିଛନ୍ତି।

# ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ



**ଭବାନୀପାଟଣା, ୩।୪(ସମିସ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏପ୍ରିଲ ପହିଲା ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଓଡ଼ିଶା ପକ୍ଷ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବଇତୁରା ଦୀପ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ପିଏ ଆଇଟିଡିଏ, ପ୍ରଦ୍ୟୁମ୍ନ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଳ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ବିଶ୍ୱନାଥ ରାଉତ, ଡେପୁଟି କଲେକ୍ଟର ଲମ୍ବୋଦର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତଙ୍କ ସମସ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ସ୍ୱତନ୍ତ୍ର ପୋଷାକ ପରିଧାନ କରି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଓଡ଼ିଆ ପକ୍ଷ ପାଳନ ସମ୍ପର୍କରେ ସୂଚନା ଦେଇ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ପକ୍ଷ ପାଳନ ଲାଗି ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାକୁ ସଫଳ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ପରିଚାଳନା କରିଥିଲେ।

